# BYE-LAW OF

SAMALESWARI REGIONAL CO-OPERATIVE MILK PRODUCERS UNION LTD.
SAMBALPUR

# ଉପବିଧି

ସମଲେଶ୍ୱରୀ ଆଂଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲି.
ସମ୍ବଲପୁର

**୦୧.୦ ନାମ, ଠିକଣା ଓ କାର୍ଯ୍ୟ ନିର୍ବାହ ଅଂଚଳ**

୦୧.୦୧. ଏହି ସଂଘର ନାମ ସମଲେଶ୍ୱରୀ ଆଂଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲିଃ. (ଏବଂ ଏହା ପରଠାରୁ କେବଳ 'ସଂଘ' ବୋଲି ଉଲ୍ଲେଖ କରାଯିବ) ହେବ ।

**୦୧.୦୨ ଏହାର ପଂଜିକୃତ ଠିକଣା**

ସା/ପୋ – ସର୍ଲା କେନାଲ୍ ରୋଡ୍, ଧନକଉଡା, ଜିଲ୍ଲା – ସମ୍ବଲପୁର ହେବ ।

ଏହି ଠିକଣାର କୌଣସି ପ୍ରକାର ପରିବର୍ତ୍ତନ ହେଲେ, ଓଡିଶା ସମବାୟ ସମିତି ଆଇନ୍ ଓ ନିୟମ ଅନ୍ତର୍ଗତ ସମବାୟ ନିବନ୍ଧକ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ଅଧିକାରୀ କିମ୍ବା ସହାୟକଙ୍କୁ ଜଣାଇବାକୁ ପଡିବ ।

୦୧.୦୩ ସଂଘର କାର୍ଯ୍ୟ ନିର୍ବାହ ଅଂଚଳ ସମ୍ବଲପୁର, ବରଗଡ, ଦେବଗଡ, ଝାରସୁଗୁଡା ଏବଂ ସୋନପୁର ହେବ ।

**୦୨.୦ ସଜ୍ଞା**

ଏହି ଉପବିଧିର କୌଣସି ବିଷୟ ଅଥବା ପ୍ରସଙ୍ଗ ବିରୋଧାଚରଣ କରୁ ନ ଥିଲେ, ଏହି ଉପବିଧି ଅନୁସାରେ –

୦୨.୦୧ 'ଆଇନ୍' କହିଲେ ସମବାୟ ସମିତି ସମୁହ ଆଇନ୍ ୧୯୬୨ ।

୦୨.୦୨ 'ବୋର୍ଡ ' ଅର୍ଥ ପରିଚାଳନା ପରିଷଦର ସଭ୍ୟବୃନ୍ଦ ଯାହାକି ସମବାୟ ଆଇନ୍ ନିୟମ ଓ ଉପବିଧି ଅନୁସାରେ ଗଠିତ ହୋଇଥିବା ବୁଝାଯାଏ । ବୋର୍ଡ ଯେତେବେଳେ ଅଧିକ୍ରମଣ, ନିଲମ୍ବନ କିମ୍ବା ଭାଙ୍ଗିଯିବ ସେତେବେଳେ ଓଡିଶା ସମବାୟ ସମିତି ଆଇନ୍ ୧୯୬୨ ଏବଂ ନିୟମ ୧୯୬୫ ଅନୁଯାୟୀ ସଂଘ ତାର ଦାୟୀତ୍ୱ ପାଇବ ।

୦୨.୦୩ 'ସଭାପତି' ଅର୍ଥ ପରିଚାଳନା ପରିଷଦର ଜଣେ ସଭ୍ୟ ଯିଏକି ପରୋକ୍ଷଭାବେ ଓଡିଶା ସମବାୟ ସମିତି ଆଇନ୍, ନିୟମ ଓ ଉପବିଧି ବ୍ୟବସ୍ଥା ଅନୁସାରେ ନିର୍ବାଚିତ ହେବେ ।

୦୨.୦୪ 'ଦ୍ରବ୍ୟସମୂହ' ଙ୍କ ମଧ୍ୟରେ ଦୁଗ୍ଧ, ଦୁଗ୍ଧଜାତ ପଦାର୍ଥ, କଂଚା ଅଥବା ପ୍ରକ୍ରିୟାକରଣ କରାଯାଇଥିବା ଗୋଖାଦ୍ୟ, ଆବରଣ ସାମଗ୍ରୀ, କୃଷିଜାତ ଦ୍ରବ୍ୟ, ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ତଥା ଅନ୍ୟାନ୍ୟ ଦ୍ରବ୍ୟର ଉତ୍ପାଦନ, ସଂଗ୍ରହ, ନିର୍ମାଣ, ପ୍ରସ୍ତୁତି, ପରିବହନ, ସଂରକ୍ଷଣ ପାଇଁ ଆବଶ୍ୟକ ହେଉଥିବା ସରଞ୍ଜାମ, ଯନ୍ତ୍ରପାତି ଏବଂ ଗୋପାଳନ ପାଇଁ ଉପକରଣ, ଯଥା ଘାସକଟା ଯନ୍ତ୍ର, ପଶୁ ଔଷଧ, ତରଳ ଯବକ୍ଷାରଜାନ, ହିମକୃତ ଶୁକ୍ର, ଏହାର ସଂରକ୍ଷଣ ଓ ପରିବହନ ପାଇଁ ବ୍ୟବହୃତ କ୍ରାଇଓକ୍ୟାନ୍, ଟ୍ରାଭିସ୍, ବରଫ ବାକ୍ସ ଇତ୍ୟାଦି ।

୦୨.୦୫ 'ମହାସଂଘ' ଅର୍ଥ ଓଡିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିଃ. :ଯାହା ସହିତ ଏହି ସଂଘ ସହବଦ୍ଧ ଅଟେ ।

୦୨.୦୬ **'ସାଧାରଣ ପରିଚାଳକ' ଅର୍ଥ ସମବାୟ ଆଇନ୍ , ନିୟମ ଓ ଉପବିଧି ଅନୁସାରେ ନିଯୁକ୍ତି ହୋଇଥିବେ ଓ ସେ ଦୁଗ୍ଧ ସଂଘର ବ୍ୟବସାୟ କ୍ଷେତ୍ରରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିର୍ଦ୍ଦେଶ ଦେବେ ।**

**୦୨.୦୭** 'ସାଧାରଣ ବୈଠକ' ଉଭୟ ବାର୍ଷିକ ଓ ବିଶେଷ ସାଧାରଣ ବୈଠକ ଓଡିଶା ସମବାୟ ସମିତି ଆଇନ୍ ନିୟମ ଓ ଉପବିଧି ଅନୁଯାୟୀ ହେବ ।

୦୨.୦୮ 'ସଦସ୍ୟ' ଅର୍ଥ ଯେଉଁମାନେ ଏହି ଉପବିଧିର ବ୍ୟବସ୍ଥା ଅନୁସାରେ ଏହି ସଂଘର ସଦସ୍ୟ ଭାବେ ଅନ୍ତର୍ଭୁକ୍ତ ।

**୦୨.୦୯** 'ନିବନ୍ଧକ' ଅର୍ଥ ଯିଏ ଓଡିଶା ସମିବାୟ ଆଇନ୍, ନିୟମ ଓ ଉପବିଧି ଅନୁସାରେ ନିଯୁକ୍ତି ହୋଇ ନିବନ୍ଧକ ଭାବେ କାର୍ଯ୍ୟ କରୁଥିବ କିମ୍ବା ଯେଉଁମାନେ କ୍ଷମତାପ୍ରାପ୍ତ ହୋଇ ନିବନ୍ଧକଙ୍କୁ ସାହାଯ୍ୟ କରୁଥିବେ କିମ୍ବା ନିବନ୍ଧକଙ୍କ କାର୍ଯ୍ୟ ନିର୍ବାହ କରୁଥିବେ ।

୦୨.୧୦ 'ନିୟମାବଳୀ ' ଅର୍ଥ ଓଡିଶା ସମବାୟ ସମିତି ଅଧିନିୟମ ୧୯୬୨ ଅନୁସାରେ ପ୍ରସ୍ତୁତ ନିୟମାବଳୀ ।

୦୨.୧୧ 'ସମତି 'ଅର୍ଥ – ସଂଘ ସହିତ ସହବଦ୍ଧ ହୋଇଥିବା ପ୍ରାଥମିକ ଦୁଗ୍ଧ ଉତ୍ପାଦକ ସମବାୟ ସମିତି ।

୦୨.୧୨ 'ସଂଘ ' ଅର୍ଥ ସମଲେଶ୍ୱରୀ ଆଂଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲିଃ. ।

୦୨.୧୩ 'ବର୍ଷ' ଅର୍ଥ ଏପ୍ରଲ୍ ମାସ ୧ ତାରିଖ ଠାରୁ ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ।

**୦୨.୧୪** ଉପବିଧିରେ ବ୍ୟବହୃତ ହୋଇଥିବା କୌଣସି "ଶବ୍ଦ ଓ ଅଭିବ୍ୟକ୍ତି" ଯଦି ସଠିକ୍ ବୁଝାଉ ନ ଥିବ, ତାହେଲେ ପର୍ଯ୍ୟାୟକ୍ରମେ ଓଡିଶା ସମବାୟ ସମିତି ଆଇନ୍ ୧୯୬୨ ଅନୁଯାୟୀ ତାକୁ ନିର୍ଦ୍ଧାରଣ କରାଯିବ ।

**୦୩.୦୦ ଉଦ୍ଦେଶ୍ୟ**

୦୩.୦୧ ଦ୍ରବ୍ୟସମୂହ ଉତ୍ପାଦନ, ବିଶୋଧନ ଓ ବିକ୍ରୟ ଦ୍ୱାରା ଦୁଗ୍ଧ ଉତ୍ପାଦନକାରୀମାନଙ୍କର ଆର୍ଥିକ ଓ ସାମାଜିକ ଉନ୍ନତି ସାଧନ ପାଇଁ କାର୍ଯ୍ୟ କରିବା ହିଁ ସଂଘର ଉଦ୍ଦେଶ୍ୟ ଅଟେ ।

୦୩.୦୨ ଉପରୋକ୍ତ ଉଦ୍ଦେଶ୍ୟ ସାଧନ ନିମନ୍ତେ ସଂଘ ନିମ୍ନଲିଖିତ କାର୍ଯ୍ୟ ସମ୍ପାଦନ କରିପାରେ ;

୦୩.୦୨.୦୧ ସଦସ୍ୟମାନଙ୍କର ସ୍ୱାର୍ଥରେ ବାଧା ନ ଉପୁଜାଇ ସେମାନଙ୍କର ଦ୍ରବ୍ୟଗୁଡିକର କ୍ରୟ, ସଂକଳନ, ଉତ୍ପାଦନ, ପ୍ରକ୍ରିୟାକରଣ, ବଣ୍ଟନ ଓ ବିକ୍ରୟ ।

୦୩.୦୨.୦୨ ନୂତନ ଦୁଗ୍ଧ ଉତ୍ପାଦକ ସମବାୟ ସମିତି ସଂଗଠନ, ସହବନ୍ଧ ସମିତିଗୁଡିକର ସର୍ବାଙ୍ଗୀନ ବିକାଶ ଏବଂ ସେମାନଙ୍କୁ ପରାମର୍ଶ, ଦିଗ୍‌ଦର୍ଶନ, ସହାୟତା, ସଂଶୋଧନ, ନିୟନ୍ତ୍ରଣ ଏବଂ ଆବଶ୍ୟକସ୍ଥଳେ ସଦସ୍ୟମାନଙ୍କର ଅନୁରୋଧ କ୍ରମେ ବା ନିବନ୍ଧକଙ୍କ ଦ୍ୱାରା ପରିଚାଳକ ଭାବରେ ନିଯୁକ୍ତ ହୋଇ ସମିତିର ପରିଚାଳନାକୁ ଆଂଶିକ ବା ସମ୍ପୂର୍ଣ୍ଣଭାବରେ ହାତକୁ ନେବା ।

୦୩.୦୨.୦୩ ନିବନ୍ଧକଙ୍କ ଅନୁମତିକ୍ରମେ ସହବନ୍ଧ ହୋଇଥିବା ସମିତିମାନଙ୍କଠାରୁ ସଙ୍ଗଠନ ଓ ପର୍ଯ୍ୟବେକ୍ଷଣ ବାବଦ ଦେୟ ଆଦାୟ ।

୦୩.୦୨.୦୪ ଗୋ-ରୋଗବ୍ୟାଧି ନିୟନ୍ତ୍ରଣ ଓ ରୋଗ ପ୍ରତିଷେଧକ ଉପାୟ ନିମନ୍ତେ ଔଷଧ, ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ କୃତ୍ରିମ ପ୍ରଜନନ ଓ ଗୋପାଳନ ସକାଶେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ।

୦୩.୦୨.୦୫ ଦୁଗ୍ଧ ଉତ୍ପାଦନ, ପଶୁଖାଦ୍ୟ ଉତ୍ପାଦନ ଏବଂ କୃଷିଜାତ ଦ୍ରବ୍ୟ ଉତ୍ପାଦନ ଓ ସଂପ୍ରସାରଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଏବଂ/ଅଥବା କାର୍ଯ୍ୟ ସମ୍ପନ୍ନ ।

୦୩.୦୨.୦୬ ପ୍ରଜନନ କାର୍ଯ୍ୟକ୍ରମ ନିମନ୍ତେ ଗୋ ମହିଷାଦିଗୋଠ ଆହରଣ ।

୦୩.୦୨.୦୭ 'ଗୋ' ଜାତୀୟ ପଶୁ କିଣିବାରେ ସହାୟତା କିମ୍ବା କାର୍ଯ୍ୟ ସମ୍ପନ୍ନ ।

୦୩.୦୨.୦୮ ପ୍ରାଥମିକ ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ସଦସ୍ୟ ଓ ଏହି ସଂଘର କର୍ମଚାରୀମାନଙ୍କର ପ୍ରଶିକ୍ଷଣ ଆୟୋଜନ ।

୦୩.୦୨.୦୯ ମାଲିକାନା ସତ୍ତ୍ୱରେ କିମ୍ବା ଲିଜ୍ ସୂତ୍ରରେ କିମ୍ବା କୌଣସି ମାଧ୍ୟମରେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ର ଆହରଣ ଓ ବିକାଶ ।

୦୩.୦୨.୧୦ କୋଠାବାଡି, କାରଖାନା, ଯନ୍ତ୍ରପାତି ଏବଂ/ କିମ୍ବା ଆନୁସଙ୍ଗିକ ଯନ୍ତ୍ରାଂଶର କ୍ରୟ ଏବଂ/କିମ୍ବା ସଂସ୍ଥାପନ ।

୦୩.୦୨.୧୧ ଆବଶ୍ୟକ ସ୍ଥଳେ ସଂଘର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ର ବୀମାକରଣ ।

୦୩.୦୨.୧୨ ଏଜେନ୍ସି ମାଧ୍ୟମରେ ଗୋ ଜାତୀୟ ପଶୁଆଦି ମାନଙ୍କର, ସଂଘର ଏବଂ ସଂଘ ସଦସ୍ୟଙ୍କର ବୀମାକରଣ ।

୦୩.୦୨.୧୩ ସଦସ୍ୟମାନଙ୍କର ସାମୂହିକ ସ୍ୱାର୍ଥ ସମ୍ବନ୍ଧରେ ସମସ୍ତ ବିଷୟର ସମାଧାନ ଏବଂ ସେମାନଙ୍କର ଉନ୍ନତି ସାଧନ ।

୦୩.୦୨.୧୪ ସଦସ୍ୟମାନଙ୍କ ମଧ୍ୟରେ ସମବାୟ ଜ୍ଞାନ ସଂପ୍ରସାରଣ ଏବଂ ବ୍ୟବସାୟ ପ୍ରଣାଳୀରେ ଏହାର ପ୍ରୟୋଗ ବିଷୟରେ ଶିକ୍ଷା ସମ୍ପାଦନ ।

୦୩.୦୨.୧୫ ସରକାରୀ ସାହାଯ୍ୟ ପ୍ରାପ୍ତ ହୋଇ ବା ପ୍ରାପ୍ତ ନ ହୋଇ ସଂଘର କର୍ମଚାରୀମାନଙ୍କ ପାଇଁ ଗୃହନିର୍ମାଣ ଯୋଜନା ।

୦୩.୦୨.୧୬ ସଂଘର ସଦସ୍ୟମାନଙ୍କର ଏବଂ କର୍ମଚାରୀମାନଙ୍କର ସୁବିଧା ପାଇଁ (ଟ୍ରଷ୍ଟ) ନ୍ୟାସସୃଷ୍ଟି ଓ ପାଣ୍ଠି ସଂଗ୍ରହ କାର୍ଯ୍ୟ ଏବଂ ଏହା ଦ୍ୱାରା ସେମାନଙ୍କୁ ସାହାଯ୍ୟ ।

୦୩.୦୨.୧୭ ଗବେଷଣା ଓ ସମୃଦ୍ଧ ସଂଗଠନ ପ୍ରତିଷ୍ଠା କରିବା ତଥା ତାହାର ସ୍ୱ-ସହାୟତା ପାଇଁ ପାଣ୍ଠି ସୃଷ୍ଟି କରିବା ଓ ପାଣ୍ଠି ପାଇଁ ଆବଶ୍ୟକୀୟ ଅର୍ଥ ସଂଗ୍ରହ କରିବା କାର୍ଯ୍ୟ ।

୦୩.୦୨.୧୮ ସଂଚୟ ଯୋଜନାକୁ ସଂଗଠନ ଓ ପ୍ରୋତ୍ସାହନ ।

୦୩.୦୨.୧୯ ଅନ୍ୟ ଦୁଗ୍ଧ ସଂଘମାନଙ୍କୁ ବୈଷୟିକ, ଆର୍ଥିକ, ପ୍ରଶାସନିକ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସହାୟତା ଯୋଗାଇବା ।

୦୩.୦୨.୨୦ ଉପରୋକ୍ତ ଉଦ୍ଦେଶ୍ୟ ସାଧନ ନିମନ୍ତେ ଅନ୍ୟାନ୍ୟ ଆବଶ୍ୟକୀୟ ତଥା ଅନୁକୂଳ କାର୍ଯ୍ୟ ଏବଂ ଉକ୍ତ ଉଦ୍ଦେଶ୍ୟକୁ ଆଗେଇ

ନେବା ପାଇଁ ଅନ୍ୟାନ୍ୟ କାର୍ଯ୍ୟ ।

ଟିପ୍ପଣୀ :- ସଂଘ ଯଦି ଦୁଗ୍ଧ ଏବଂ ଦୁଗ୍ଧଜାତ ପଦାର୍ଥ ବ୍ୟତୀତ କୃଷି ଦ୍ରବ୍ୟ ଉତ୍ପାଦନ ବିଶୋଧନ ଏବଂ ବିତରଣ କରେ,ତାହାହେଲେ ନିବନ୍ଧକଙ୍କର ପୁର୍ବାନୁମତି ନେବେ ।

**୦୪.୦୦ ପାଣ୍ଠି**

୦୪.୦୧ ନିମ୍ନଲିଖିତ ଏକ ବା ଏକାଧିକ ଉପାୟରେ ସଂଘ ପାଣ୍ଠି ସଂଗ୍ରହ କରିପାରେ ।

୦୪.୦୧.୦୧ ପ୍ରବେଶିକା ଫିସ୍;

୦୪.୦୨.୦୨ ଅଂଶଧନ;

୦୪.୦୧.୦୩ ଋଣପତ୍ର;

୦୪.୦୧.୦୪ ଜମା;

୦୪.୦୧.୦୫ ଋଣ;

୦୪.୦୧.୦୬ ଅନୁଦାନ, ସହାୟତା, ସରକାରୀ ସହାୟତା ଏବଂ ଚାନ୍ଦା;

୦୪.୦୧.୦୭ ଅନ୍ୟ କୌଣସି ଉନ୍ନୟନ ଏଜେନ୍ସି (ସଂସ୍ଥା) ବା ଅର୍ଥଦାନକାରୀ ଅନୁଷ୍ଠାନ ମାନଙ୍କଠାରୁ ସେମାନଙ୍କର ସର୍ତ୍ତ ସହିତ ଆପୋଷ ଭାବରେ ଏକମତ ହୋଇ ସେମାନଙ୍କଠାରୁ ଋଣ ବା ଅନୁଦାନ ବା ଅଗ୍ରୀମ ଆଦି ଗ୍ରହଣ ।

୦୪.୦୨ ପ୍ରତ୍ୟେକ ଅଂଶଧନ ୧୦୦ ଟଙ୍କା ଲେଖାଏଁ ହିସାବକୁ ନେଇ ସଂଘର ମୋଟ୍ ସ୍ୱୀକୃତିପ୍ରାପ୍ତ ଅଂଶଧନ ସର୍ବାଧିକ ଟ.୧,୦୦୦.୦୦ ଲକ୍ଷ ହେବ ଏବଂ ଆବଣ୍ଟନରେ ପୂର୍ଣ୍ଣ ଭାବରେ ପ୍ରଦେୟ ହେବ ।

୦୪.୦୩ ଉପର ପାରା ୦୪.୦୧.୦୩, ୦୪.୦୧.୦୪ ଏବଂ ୦୪.୦୧.୦୫ ରେ ଦର୍ଶାଯାଇଥିବା ପାଣ୍ଠିର ପରିମାଣ, ମୋଟ ସମାଦତ୍ତର ଅଂଶଧନ ପୁଞ୍ଜି **(Paid up share capital)** ଓ ସଂରକ୍ଷିତ ପାଣ୍ଠି **(Reserve Fund)** ରୁ ଏକତ୍ରିକୃତ କ୍ଷତିକୁ ବାଦ୍ ଦେଇ ଯାହା ହେବ, ତାହାର ଦଶଗୁଣରୁ ଉର୍ଦ୍ଧ୍ୱ ହେବ ନାହିଁ ।

**୫.୦୦ ସଦସ୍ୟତା**

୦୫.୦୧ ସଂଘରେ କେବଳ ସାଧାରଣ ବର୍ଗର ସଦସ୍ୟମାନେ ରହିପାରିବେ ।

୦୫.୦୨.୦୧ ସଂଘକୁ ଦୁଗ୍ଧ ଯୋଗାଉଥିବା ଯେ କୌଣସି ପଞ୍ଜିକୃତ ପ୍ରାଥମିକ ଦୁଗ୍ଧ ଉତ୍ପାଦକ ସମବାୟ ସମିତିକୁ ପରିଷଦ ଏକ ସଦସ୍ୟଭାବେ ସଂଘକୁ ପ୍ରବେଶ କରାଇପାରିବ ।

୦୫.୦୨.୦୨ ସମବାୟ ସମିତି ଅଧିନିୟମ କିମ୍ବା ସମିତି ପଞ୍ଜିକରଣ ଅଧିନିୟମ ଅନୁଯାୟୀ ପଞ୍ଜିକୃତ ହୋଇଥିବା କୌଣସି ପ୍ରାଥମିକ କୃଷିଭିତ୍ତିକ ଉତ୍ପାଦକ ସମିତି ମାଧମରେ କୃଷିଭିତ୍ତିକ କାର୍ଯ୍ୟକଳାପକୁ ସଂଘ ହାତକୁ ନେଇଥିଲେ ସେପରି ପ୍ରାଥମିକ ସମିତିକୁ ବୋର୍ଡ ଏକ ସାଧାରଣ ସଦସ୍ୟ ରୂପେ ଗ୍ରହଣ କରିପାରିବେ ।

୦୫.୦୩.୦୧ ପ୍ରତ୍ୟେକ ସାଧାରଣ ସଦସ୍ୟ ଶହେ ଟଙ୍କା ମୂଲ୍ୟରେ ଅତି କମ୍‌ରେ ଗୋଟିଏ ଅଂଶଧନ ଧାରଣ କରିଥିବେ

୦୫.୦୩.୦୨ କୌଣସି ବ୍ୟକ୍ତି ବିଶେଷ ଯାହାର ସଂଘ ସହିତ ଆର୍ଥିକ ବେପାର ଥିବ ଯଥା, ଯୋଗାଣକାରୀ, କଣ୍ଟ୍ରାକ୍ଟର, ବିକ୍ରେତା ଇତ୍ୟାଦି ସଂଘର ନାମକୁ ମାତ୍ର ସଦସ୍ୟ ହୋଇପାରିବେ । ସେହି ନାମକୁ ମାତ୍ର ସଦସ୍ୟ କୌଣସି ଅଂଶଧନ କ୍ରୟ କରିପାରିବେ ନାହିଁ । କିନ୍ତୁ ସେମାନଙ୍କୁ ପ୍ରତ୍ୟେକ ଏକ ଶତ ଟଙ୍କା ସଭ୍ୟ ଚାନ୍ଦା ଦେବାକୁ ହେବ । ସେମାନଙ୍କର ଭୋଟ୍ ଦେବାର ଅଧିକାର ରହିବନାହିଁ ବା ସଂଘର ପରିଚାଳନାରେ ଅଂଶ ଗ୍ରହଣ କରିପାରିବେ ନାହିଁ ବା ଲାଭାଂଶ ବଣ୍ଟନରେ ଭାଗୀଦାର ହେବେ ନାହିଁ । ସେମାନଙ୍କର ସଦସ୍ୟତା ସେହି ପର୍ଯ୍ୟନ୍ତ ବଳବତ୍ତର ରହିବ ଯେ ପର୍ଯ୍ୟନ୍ତ ସେମାନଙ୍କର ସଂଘ ସହ ଆର୍ଥିକ ବେପାର ଚଳାଉଥିବେ । ସେମାନେ କୌଣସି କ୍ଷେତ୍ରରେ ବା ସଂଘ ବନ୍ଦ ହୋଇଗଲେ ଦାୟୀ ରହିବେ ନାହିଁ ।

୦୫.୦୪ ପଞ୍ଜିକୃତ ପ୍ରାଥମିକ ଦୁଗ୍ଧ ଉତ୍ପାଦକ ସମବାୟ ସମିତିଗୁଡିକ, ଯେଉଁମାନେ ସଂଘର ପଞ୍ଜିକରଣ ପାଇଁ ଉପବିଧି ପଞ୍ଜିକରଣ ନିମନ୍ତେ ଦରଖାସ୍ତ କରିଥିବେ, ସେମାନେ ସାଧାରଣ ସଦସ୍ୟରୂପେ ତାଲିକାଭୁକ୍ତ ହୋଇଛନ୍ତି ବୋଲି ବିବେଚିତ ହେବେ ।

୦୫.୦୫ ସାଧାରଣ ସଭ୍ୟମାନେ (ଧାରା ୦୫.୦୪ ସମେତ) ସଂଘର ସଭ୍ୟ ହେବା ପାଇଁ ଲିଖିତ ଦରଖାସ୍ତ ଦେବେ ଏବଂ ଏଥିପାଇଁ ଦରଖାସ୍ତ ଫି ଦଶ ଟଙ୍କା ଦେବେ ଓ ଏହା ବ୍ୟତୀତ ଅଂଶଧନ ମୂଲ୍ୟ ଜମା କରିବେ

୦୫.୦୬ ବିଭିନ୍ନ ସମୟରେ ବୋର୍ଡର ନିଷ୍ପତ୍ତିକ୍ରମେ ସଂଘର ବ୍ୟବସାୟ ନେଣଦେଣର ଅନୁପାତ ସ୍ୱରୂପ ସାଧାରଣ ସଦସ୍ୟମାନଙ୍କଠାରୁ ଅଂଶଧନ ପୁଞ୍ଜି ଓ/କିମ୍ବା ଋଣପତ୍ର ଆଦାୟ ନିମନ୍ତେ ସଂଘର ଆଦେଶ ଦେବାକୁ କ୍ଷମତା ରହିବ ।

୦୫.୦୭ ଯଦି ଅଂଶଧନ ବା ଋଣପତ୍ର ପ୍ରଦାନ ଦେୟ ତାରିଖଠାରୁ ୬ ମାସରୁ ଅଧିକ ବିଳମ୍ବ ଘଟେ, ତେବେ ବୋର୍ଡ ଉକ୍ତ ଦେୟକୁ ସାଧାରଣ ସଦସ୍ୟଙ୍କ ପ୍ରାପ୍ୟରୁ କାଟି ରଖିପାରିବେ ।

୦୫.୦୮ ଜାରୀ ହୋଇଥିବା ଏକ ପୃଥକ ସଂଖ୍ୟା ବିଶିଷ୍ଟ ଅଂଶଧନ ପ୍ରମାଣପତ୍ର ଅଂଶଧନ ଗ୍ରହଣକାରୀଙ୍କୁ ଯୋଗାଇ ଦିଆଯିବ । ଏଥିରେ ସଂଘର ସାଧାରଣ ପରିଚାଳକ ଓ ସଭାପତିଙ୍କ ଯୁଗ୍ମ ସ୍ୱାକ୍ଷର ରହିବ ।

୦୫.୦୯ ଯଦି ଅଂଶଧନ ପ୍ରମାଣପତ୍ର ହଜିଯାଏ ବା ନଷ୍ଟ ହୋଇଯାଏ ତେବେ ସାଧାରଣ ସଦସ୍ୟଙ୍କ ଦ୍ୱାରା ଏକ କ୍ଷତିପୂର୍ତ୍ତି ବନ୍ଧକପତ୍ର (Indemnity) ଦାଖଲପୂର୍ବକ ଏବଂ ବୋର୍ଡର ଅନୁମୋଦନକ୍ରମେ ପ୍ରତି ଅଂଶଧନ ବାବଦ ୧୦ ଟଙ୍କା ଲେଖାଏଁ ଆଦାୟ କରି ଅଂଶଧନ ପ୍ରମାଣପତ୍ରର ପ୍ରତିରୂପ (duplicate) ଯୋଗାଇ ଦିଆଯିବ ।

**୦୬.୦୦ ଦେୟ**

୦୬.୦୧ ଜଣେ ସାଧାରଣ ସଦସ୍ୟଙ୍କ ସଂଘକୁ ସର୍ବାଧିକ ଦେୟ ତାଙ୍କ ଦ୍ୱାରା ଗୃହୀତ ଅଂଶଧନର ମୂଲ୍ୟ ଅଧିକ ହେବ ନାହିଁ ।

**୦୭.୦୦ ସହବନ୍ଧଚ୍ୟୁତି (Deaffiliation)**

୦୭.୦୧ ସଂଘ ସହ ଜଣେ ସହବନ୍ଧ ସଦସ୍ୟ ଓଡିଶା ସମବାୟ ଆଇନ୍, ନିୟମ ଓ ଉପବିଧିର ସର୍ତ୍ତ ଅନୁଯାୟୀ ସହବନ୍ଧଚ୍ୟୁତ ହୋଇପାରବ ।

୦୭.୦୨ ଯେତେବେଳେ ଜଣେ ସଦସ୍ୟ କାର୍ଯ୍ୟକ୍ଷମ ହେବାରୁ ନିବୃତ୍ତ ରହିବ, ସଂଘର ସାଧାରଣ ପରିଚାଳକ ତାକୁ ସାତ ଦିନିଆ କାରଣ ଦର୍ଶାଅ ସୂଚନା ଦେଇ ଏବଂ ତାହାର ଉତ୍ତରକୁ ବିଚାରକୁ ନେଇ, ବୋର୍ଡର ଅନୁମୋଦନ କ୍ରମେ ଉକ୍ତ ସଦସ୍ୟକୁ ସହବନ୍ଧଚ୍ୟୁତ ଆଦେଶ ଦେଇପାରିବେ ।

୦୭.୦୩ ଉପବିଧିର ଧାରା ୦୮.୦ରେ ଉଲ୍ଲେଖ କୌଣସି ଏକ କାରଣ ପାଇଁ ବୋର୍ଡ ଦ୍ୱାରା ଜଣେ ସଦସ୍ୟ ସହବନ୍ଧଚ୍ୟୁତ ହୋଇପାରିବେ ।

**୦୮.୦୦ ସଦସ୍ୟଙ୍କ ବହିଷ୍କାର**

୦୮.୦୧ ନିମ୍ନଲିଖିତ କାରଣଗୁଡିକ ପାଇଁ, ସାଧାରଣ ବୈଠକରେ ଉପସ୍ଥିତ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠ ଭୋଟ୍ ଥାଇ ଅନୁମୋଦିତ ହୋଇଥିବା ଏକ ପ୍ରସ୍ତାବ ଦ୍ୱାରା ଜଣେ ସଦସ୍ୟଙ୍କୁ ବହିଷ୍କାର କରାଯାଇପରେ ।

୦୮.୦୧.୦୧ ଯଦି ଏକ ନିର୍ଦ୍ଧାରିତ ମାନର ଦୁଗ୍ଧ ଯୋଗାଣ କରିବାରେ କ୍ରମାଗତ ଭାବେ ଖିଲାପକାରୀ ହୋଇଥାନ୍ତି ବା ଆଭ୍ୟାସଗତ ଭାବେ ସଂଘ ପ୍ରତି ନୈତିକ ଦାୟୀତ୍ୱ ବହନ କରିବାରେ ଅସଫଳ ହୁଅନ୍ତି ।

୦୮.୦୧.୦୨ ଯଦି ସଂଘର ସୁନାମ କ୍ଷୁର୍ଣ୍ଣ ହେଲାଭଳି କୌଣସି କାର୍ଯ୍ୟ କରନ୍ତି ।

୦୮.୦୧.୦୩ ଯଦି ଇଚ୍ଛାକୃତ ଭାବେ ସଂଘ ସହିତ ଚଂଚକତା କରେ ।

୦୮.୦୧.୦୪ ଯଦି ନିଜର ସଦସ୍ୟମାନଙ୍କୁ ଏହା ଓମ୍‌ଫେଡ୍ ଗୋଖାଦ୍ୟ, ଖଣିଜଲବଣ ଇତ୍ୟାଦି ପୁଷ୍ଟିକର ଖାଦ୍ୟ ଯଥେଷ୍ଟ ପରିମାଣରେ ଯୋଗାଣକୁ ପ୍ରତ୍ୟାଖାନ କରେ ।

୦୮.୦୧.୦୫ ଯଦି କୃଷକମାନଙ୍କର ପାଉଣା ଖୁବ୍ କମ୍‌ରେ ପ୍ରତି ଦଶଦିନରେ ଥରେ ଲେଖାଏଁ ନ ଦିଏ ।

୦୮.୦୧.୦୬ ଯଦି ଦୁଧିଆଳୀ ପଶୁ ଓ ଏହାର ଛୁଆମାନଙ୍କର ସ୍ୱାସ୍ଥ୍ୟର ଯତ୍ନ ନେବାରେ, ଟୀକାଦାନ କରିବାରେ, କୃମିନାଶକ କରିବାରେ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରିବାରେ ଅସଫଳ ରହେ ।

୦୮.୦୧.୦୭ ଯଦି ପ୍ରତ୍ୟେକ ଦିନ ପ୍ରତ୍ୟେକ ଦୁଗ୍ଧ ଉତ୍ପାଦନକାରୀଙ୍କ ପାଇଁ ଦୁଗ୍ଧ ପରୀକ୍ଷା କରାଇବାରେ ଅସଫଳ ରହେ

୦୮.୦୨.୦୧ ବହିଷ୍କାର ପୂର୍ବରୁ ବୋର୍ଡ ଏକ କାରଣ ଦର୍ଶାଅ ସୂଚନା ମାଧ୍ୟମରେ ସଦସ୍ୟ ଜଣଙ୍କୁ ବହିଷ୍କାର କାରଣ ଜଣାଇ ଦେବ । ସଦସ୍ୟ ଜଣକ ସାତଦିନ ମଧ୍ୟରେ ତାଙ୍କର କୈଫିୟତ ଦାଖଲ କରିବେ ।

୦୮.୦୨.୦୨ ଯଦି କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ମିଳିଥାଏ, ତାହାର ଉଚିତ୍ ବିଚାର ପୂର୍ବକ ବୋର୍ଡ ବହିଷ୍କାର ସମ୍ପର୍କିତ ଆଦେଶ ପ୍ରଦାନ କରିବ ।

୦୮.୦୨.୦୩ ବୋର୍ଡର ବହିଷ୍କାର ସମ୍ପର୍କିତ ନିଷ୍ପତ୍ତି ବିରୁଦ୍ଧରେ ସାଧାରଣ ସଭା ନିକଟରେ ଅପିଲ୍ କରାଯାଇପାରିବ । ତେବେ, ବୋର୍ଡର ବହିଷ୍କାର ସମ୍ପର୍କିତ ନିଷ୍ପତ୍ତି ଏବଂ ଏହି ନିଷ୍ପତ୍ତିକୁ ସାଧାରଣ ସଭା ବାତିଲ କରିବା ସମୟ ମଧ୍ୟରେ ସଦସ୍ୟ ଜଣକ ବହିଷ୍କୃତ ବୋଲି ଧରାଯିବ ।

୦୮.୦୨.୦୪ ଯଦି ସଦସ୍ୟ ଜଣକ ଖୁବ୍ କମ୍‌ରେ ଏକ ବର୍ଷଧରି ସଂଘର ଓ ସମିତିର ଉଦ୍ଦେଶ୍ୟ ସପକ୍ଷରେ କାର୍ଯ୍ୟ ପୁନରାରମ୍ଭ କରିଥାନ୍ତି ଏବଂ ଉପର ଲିଖିତ ଧାରା ୦୮.୦୧ ରେ ଦର୍ଶାଯାଇଥିବା କୌଣସି ଏକ ଅସଦାଚରଣ କରି ନ ଥାନ୍ତି ତେବେ ସେ ବୋର୍ଡ ଦ୍ୱାରା ପୁନର୍ବାର ପ୍ରବେଶ ଅନୁମତି ପାଇପାରିବେ ।

୦୮.୦୩ ବହିଷ୍କାର ପରେ ସଂଘ, ସଦସ୍ୟଙ୍କର ଅଂଶଧନକୁ, ସଦସ୍ୟଙ୍କ ଦ୍ୱାରା ସଂଘକୁ ଦେବାର ଥିବା ଦେୟ ସହିତ ସମାଯୋଜନ (adjust) କରିପାରେ ।

**୦୯.୦ ଅଂଶଧନର ଅନ୍ତରଣ**

୦୯.୦୧ ବୋର୍ଡର ଅନୁମୋଦନ ପୂର୍ବକ, ଜଣେ ସାଧାରଣ ସଦସ୍ୟ ଖୁବ୍ କମ୍‌ରେ ଏକ ବର୍ଷ ଧରି ଧାରଣ କରିଥିବା ଅଂଶଧନ ବା ଅଂଶଧନଗୁଡିକୁ ଅନ୍ୟ ସାଧାରଣ ସଦସ୍ୟଙ୍କୁ ହସ୍ତାନ୍ତର କରିପାରନ୍ତି ।

୦୯.୦୨ ପ୍ରତି ଅଂଶଧନ ଅନ୍ତରଣ ପାଇଁ ୧୦ ଟଙ୍କା ଫିସ୍ ପ୍ରଦତ୍ତ ନହେଲେ ଏବଂ ଅଂଶଧନ ଅନ୍ତରଣ ପାଇଁ ଉଦ୍ଦିଷ୍ଟ ଖାତାରେ ଅନ୍ତରଣଗ୍ରାହୀଙ୍କ ନାମ ଦରଜ ନ ହେଲେ, କୌଣସି ଅନ୍ତରଣ ସମ୍ପୂର୍ଣ୍ଣ ହେଲା ବୋଲି ବିଚାର କରାଯିବ ନାହିଁ ।

**୧୦.୦ ସଦସ୍ୟତା ବିରତି (Cessation of Membership)**

୧୦.୦୧ ନିମ୍ନ କାରଣଗୁଡିକ ପାଇଁ ସଂଘର ଜଣେ ସାଧାରଣ ସଦସ୍ୟ, ସଦସ୍ୟ ପଦରୁ ବିରତ ହେବେ ।

୧୦.୦୧.୦୧ ତାଙ୍କର ଇସ୍ତାଫା ବୋର୍ଡ ଦ୍ୱାରା ଗୃହୀତ ହେବା ଦ୍ୱାରା ।

୧୦.୦୧.୦୨ ସଂଘର ସମାପନ ଦ୍ୱାରା ।

୧୦.୦୧.୦୩ ବହିଷ୍କାର ହେବା ଦ୍ୱାରା ।

୧୦.୦୧.୦୪ ଏହି ଉପବିଧିର ଧାରା ୧୧.୦ ରେ ଦର୍ଶାଯାଇଥିବା ନୈତିକ ଦାୟୀତ୍ୱ ପୂରଣ କରିବାରେ ଅସଫଳ ହେବା ଦ୍ୱାରା ।

୧୦.୦୨ ସଦସ୍ୟତାରୁ ବିରତ ହେଲେ ବହିଷ୍କାର ବ୍ୟତୀତ ଜଣେ ସାଧାରଣ ସଦସ୍ୟ ତାଙ୍କ ଦ୍ୱାରା ପ୍ରଦତ୍ତ ଅଂଶଧନର ସର୍ବାଧିକ ଜମା ଥିବା ପରିମାଣର ଅର୍ଥ ଫେରି ପାଇବାକୁ ହକ୍‌ଦାର ହେବେ, ଯାହାକି ସଦସ୍ୟତା ବିରତିର ଏକ ବର୍ଷ ମଧ୍ୟରେ ପାଇପାରିବେ ।

**୧୧.୦ ସାଧାରଣ ସଦସ୍ୟଙ୍କ ନୈତିକ ଦାୟିତ୍ୱ**

୧୧.୦୧ ପ୍ରତ୍ୟେକ ସାଧାରଣ ସଦସ୍ୟ :

୧୧.୦୧.୦୧ ନିଜଦ୍ୱାରା ସଂଗୃହୀତ ଦ୍ରବ୍ୟକୁ ସଂଘକୁ ଯୋଗାଇ ଦେବେ ଏବଂ ପ୍ରତ୍ୟକ୍ଷଭାବେ ଅନ୍ୟ କୌଣସି ବ୍ୟକ୍ତି ବା ସଂସ୍ଥାକୁ ଯୋଗାଣ ବା ବିକ୍ରୟ କରିପାରିବେ ନାହିଁ । ସଂଘ ଦ୍ୱାରା ନିର୍ଦ୍ଧାରିତ ନିୟମ ଅନୁସାରେ ସଦସ୍ୟ ଜଣକ କୌଣସି ବ୍ୟକ୍ତି ବିଶେଷଙ୍କୁ ସ୍ଥାନୀୟ ବିକ୍ରି କରିପାରିବେ ।

୧୧.୦୧.୦୨ ପୂର୍ବ ବର୍ଷରେ ସଂଘକୁ ଯୋଗାଇ ଦିଆଯାଇଥିବା ଦ୍ରବ୍ୟ ମୂଲ୍ୟ ୨୦% ରୁ ଅଧିକ ନ ଥାଇ, ଯେଉଁ ଦ୍ରବ୍ୟ ଗୁଡିକ ବୋର୍ଡ ଦ୍ୱାରା ଆହୁତ ହୋଇ ସଂଘ ମାଧ୍ୟମରେ ଦେଣ ନେଣ ହୋଇଥିବ, ସେହି ଦ୍ରବ୍ୟ ଗୁଡିକର ମୋଟ୍ ମୂଲ୍ୟର ଏକ ନିର୍ଦ୍ଦିଷ୍ଟ ଅଂଶ ଅଂଶଧନ ଓ /କିମ୍ବା ଋଣପତ୍ର କ୍ରୟ କରିପାରିବେ ।

୧୧.୦୧.୦୩ ଦ୍ରବ୍ୟ ଗୁଡିକର ସ୍ଥାନାନ୍ତରୀକରଣ, ବିତରଣ ସମୟ, ବିତରଣ ସ୍ଥାନ ସମ୍ବନ୍ଧୀୟ ଓ ତତ୍ ସଂକ୍ରାନ୍ତୀୟ ବିଷୟ ଗୁଡିକ ସମ୍ପର୍କରେ ସଂଘ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ପାଳନ କରିବେ ।

୧୧.୦୧.୦୪ ଦ୍ରବ୍ୟ ଗୁଡିକ ଅପମିଶ୍ରିତ ନ ହୋଇଥିବା ଓ ଖାଣ୍ଟିଥିବା ଅବସ୍ଥାରେ ତାହା ସଂଗ୍ରହ କରିବେ ।

୧୧.୦୧.୦୫ ସଂଘ ଅନ୍ୟ କୌଣସି ପ୍ରକାର ନିର୍ଦ୍ଦେଶମାନ ଦେଇଥିଲେ ତାହାକୁ ପାଳନ କରିବେ ଏବଂ ସଂଘର ଲକ୍ଷ୍ୟ ହାସଲ ପାଇଁ ଯେ କୌଣସି ଆବଶ୍ୟକ ହେଉଥିବା ତଥ୍ୟ ଯୋଗାଇଦେବେ ।

**୧୨.୦ ସଙ୍ଗଠନ ଓ ପରିଚାଳନା**

ସଂଘର ପରିଚାଳନା ନିମ୍ନଲିଖିତ ନେଇ ଗଠିତ :

୧୨.୦୧ ସାଧାରଣ ସଭା ।

୧୨.୦୨ ନିର୍ଦ୍ଦେଶକ ବୋର୍ଡ ।

୧୨.୦୩ ସଭାପତି; ପରିଚାଳନା ପରିଷଦର ଜଣେ ସଭ୍ୟ, ଓଡିଶା ସମବାୟ ଆଇନ୍, ନିୟମ ଓ ଉପବିଧିର ସମନ୍ୱିତ ଚୁକ୍ତି ଅନୁଯାୟୀ ପରୋକ୍ଷରେ ନିର୍ବାଚିତ ହୋଇପାରିବେ ।

୧୨.୦୩.୦୧ ଉପ-ସଭାପତି ; ପରିଚାଳନା ପରିଷଦର ଜଣେ ସଭ୍ୟ ସେ ମଧ୍ୟ ଓଡିଶା ସମବାୟ ଆଇନ୍, ନିୟମ ଓ ଉପବିଧିର ନିର୍ଦ୍ଧାରିତ ବ୍ୟବସ୍ଥା ଅନୁସାରେ ପରୋକ୍ଷରେ ନିର୍ବାଚିତ ହେବେ ।

୧୨.୦୪ ସାଧାରଣ ପରିଚାଳକ ।

**୧୩.୦ ସାଧାରଣ ସଭା :**

୧୩.୦୧ ସାଧାରଣ ସଭାରେ ନିମ୍ନଲିଖିତ ବ୍ୟକ୍ତିଗଣ ସଭ୍ୟ ରହିବେ ।

୧୩.୦୧.୦୧ ପୂର୍ବ ବର୍ଷର ମାର୍ଚ୍ଚ ମାସ ୩୧ ତାରିଖ ସୁଦ୍ଧା ସଂଘର ପଞ୍ଜିକୃତ ଏବଂ କାର୍ଯ୍ୟକ୍ରମ ସଦସ୍ୟ ସମିତିମାନଙ୍କର ଅଧ୍ୟକ୍ଷମାନେ ।

୧୩.୦୧.୦୨ ବୋର୍ଡର ସମସ୍ତ ପଦପ୍ରଯୁକ୍ତ ସଦସ୍ୟମାନେ ।

୧୩.୦୨ ବୋର୍ଡର ସଭାପତି ସାଧାରଣ ସଭା ଓ ପରିଚାଳନା ପରିଷଦ ବୈଠକରେ ସଭାପତିତ୍ୱ କରିବେ । ସଭାପତିଙ୍କ ଅନୁପସ୍ଥିତିରେ ବୈଠକରେ ଉପସ୍ଥିତ ସଦସ୍ୟ ମାନେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ସେହି ବୈଠକରେ ସଭାପତିତ୍ୱ କରିବା ପାଇଁ ମନୋନୀତ କରିବେ ।

୧୩.୦୩ ପ୍ରତି ବର୍ଷ ଅନ୍ତତଃ ପକ୍ଷେ ଥରେ ଆର୍ଥିକ ବର୍ଷ ଶେଷ ହେବାର ଛଅ ମାସ ମଧ୍ୟରେ ସାଧାରଣ ସଭା ଆହୁତ ହେବ । ଏହାକୁ ବାର୍ଷିକ ସାଧାରଣ ସଭା କୁହାଯିବ ।

୧୩.୦୪ ଗୋଟିଏ ସ୍ୱତନ୍ତ୍ର ସାଧାରଣ ସଭା ଯେ କୌଣସି ସମୟରେ ନିମ୍ନ ପ୍ରକ୍ରିୟାରେ ଆହୁତ ହୋଇପାରେ:

୧୩.୦୪.୦୧ ବୋର୍ଡର ସଂଖ୍ୟାଗରିଷ୍ଠ ସଦସ୍ୟଙ୍କ ଦ୍ୱାରା କିମ୍ବା,

**୧୩.୦୪.୦୨ ସଭାପତି/ସାଧାରଣ ପରିଚାଳକଙ୍କ ଦ୍ୱାରା ଏକ ମାସ ମଧ୍ୟରେ ନିମ୍ନ ପ୍ରଣାଳୀରେ ଆହୁତ ହୋଇ ପାରିବେ :**

କ. ସଂଘର ଏକ ଚତୁର୍ଥାଂଶ ସାଧାରଣ ସଦସ୍ୟଙ୍କର ଲିଖିତ ବରାଦ ଦ୍ୱାରା : ସୂଚନାଯୋଗ୍ୟ, ଉପରୋକ୍ତ ପ୍ରତ୍ୟେକ ସ୍ୱାକ୍ଷରକାରୀ, ସମିତିର ଅଧ୍ୟକ୍ଷ, ଖୁବ୍ କମ୍ ରେ ୨୦୦ ଦିନ ପାଇଁ ପ୍ରାଥମିକ ସମିତିରେ ବ୍ୟକ୍ତିଗତ ଭାବେ ଦୁଗ୍ଧ ଯୋଗାଣକାରୀ ହୋଇଥିବେ ଏବଂ ସେହି ପ୍ରାଥମିକ ସମିତି, ସଂଘକୁ ବର୍ଷରେ ଖୁବ୍ କମ୍‌ରେ ୩୦୦ ଦିନ ଧରି ଦୁଗ୍ଧ ଯୋଗାଣ କରିଥିବ ।

ଖ. ନିବନ୍ଧକଙ୍କ ଠାରୁ ବରାଦ ଦ୍ୱାରା ଏବଂ

ଗ. ମହାସଂଘ ଠାରୁ ବରାଦ ଦ୍ୱାରା ।

୧୩.୦୫ ବାର୍ଷିକ ସାଧାରଣ ସଭାର କ୍ଷମତା ଯାହା, ଠିକ୍ ପଞ୍ଜିକରଣ ପରେ ସାଧାରଣ ସଦସ୍ୟଙ୍କର ହୋଇଥିବା ପ୍ରଥମ ସାଧାରଣ ସଭାର କ୍ଷମତା ତାହା ହିଁ ହେବ ।

**୧୪.୦୦ ସାଧାରଣ ନିକାୟ ସଭା (General Body Meeting)**

୧୪.୦୧ କାର୍ଯ୍ୟସୂଚୀ, ସ୍ଥାନ, ସମୟ ଓ ଦିନ ଉଲ୍ଲେଖ ଥାଇ, ଖୁବ୍ କମ୍‌ରେ ଚଉଦ ଦିନର ନୋଟିସ୍ ମାଧ୍ୟମରେ ସଂଘର ବୋର୍ଡ ଦ୍ୱାରା ବାର୍ଷିକ ସାଧାରଣ ସଭା ଡକାଯିବ । ନୋଟିସ୍ ସଂଘର ନୋଟିସ୍ ବୋର୍ଡ ରେ ସୂଚିତ ହେବ ଏବଂ ଦୁଗ୍ଧ ଯୋଗାଣକାରୀ ସମସ୍ତ ସଦସ୍ୟ ଓ ଅଣସଦସ୍ୟମାନଙ୍କୁ ସାଧାରଣ ଡାକସେବା ମାଧ୍ୟମରେ ମଧ୍ୟ ପ୍ରେରିତ ହେବ ।

୧୪.୦୨ କାର୍ଯ୍ୟସୂଚୀ, ସ୍ଥାନ, ସମୟ ଓ ଦିନ ଉଲ୍ଲେଖ ଥାଇ, ଖୁବ୍ କମ୍‌ରେ ସାତ ଦିନିଆ ନୋଟିସ୍ ଦେଇ, ସଂଘର ଏକ ସ୍ୱତନ୍ତ୍ର ସାଧାରଣ ସଭା ଡକାଯାଇପାରେ ।

୧୪.୦୩ ନୋଟିସ୍ ଦେବାରେ କୌଣସି ଆକସ୍ମିକ ବା ଆନୁସଙ୍ଗିକ ତୃଟି ବିଚ୍ୟୁତି ପାଇଁ କିମ୍ବା କୌଣସି ସଦସ୍ୟଙ୍କୁ ନୋଟିସ୍ ପ୍ରାପ୍ତ ନ ହୋଇ କୌଣସି ଅସୁବିଧା ଜାତହେଲେ, ତାହା ଏଭଳି ସଭାର କାର୍ଯ୍ୟଧାରାକୁ ଅକାମୀ କରିବ ନାହିଁ ।

**୧୫.୦୦ ସାଧାରଣ ସଭାର କୋରମ୍**

୧୫.୦୧ ମୋଟ୍ ସଦସ୍ୟ ସଂଖ୍ୟାର ଏକ ପଂଚମାଂଶ ବା ୨୫ ଜଣ ଯେଉଁଟା କମ୍ ତାହା ସାଧାରଣ ସଭାର କୋରମ୍ ହେବ । କୌଣସି ସଭାରେ କୋରମ୍ ନ ଥିଲେ କାର୍ଯ୍ୟ ସମ୍ପାଦନ ହେବ ନାହିଁ ।

୧୫.୦୨ ଯଦି ସଭା ଦିବସରେ କୋରମ୍ ନ ଥାଏ, ତେବେ ସଭାଟିକୁ ଅଧ ଘଣ୍ଟା ପାଇଁ ଘୁଂଚାଇ ଦିଆଯିବ ।

୧୫.୦୨.୦୧ ଯଦି ସଭା ପାଇଁ ଧାର୍ଯ୍ୟ ସମୟର ଅଧ ଘଣ୍ଟା ପରେ କୋରମ୍ ନ ମିଳିଲା, ସାଧାରଣ ଭାବେ ସଭାଟିକୁ ପରବର୍ତ୍ତୀ ସପ୍ତାହର ସମାନ ଦିନ, ସମାନ ସମୟ ଓ ସ୍ଥାନକୁ ଘୁଂଚାଇ ଦିଆଯିବ ।

୧୫.୦୨.୦୨ ଏହି ଉପବିଧି ଆନୁଯାୟୀ ଘୁଂଚାଇ ଦିଆଯାଇଥିବା ସଭାରେ ଆଉ କୋରମ୍ ଆବଶ୍ୟକତା ପଡିବ ନାହିଁ ।

୧୫.୦୨.୦୩ ଯଦି କୌଣସି ସମୟରେ ସଭାର ଗଣପୁଷ୍ଟି (କୋରମ୍) ପାଇଁ ଯଥେଷ୍ଟ ସଂଖ୍ୟକ ସଦସ୍ୟ ଉପସ୍ଥିତ ନ ଥାଆନ୍ତି, ତେବେ ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରାଗଲେ, ସଭାକୁ ଆସନ୍ତା ସପ୍ତାହର ଠିକ୍ ସେହି ଦିନ ସମୟ ଓ ସ୍ଥାନକୁ ଘୁଂଚାଇ ଦେବା ସଙ୍ଗେ ସଙ୍ଗେ ଉକ୍ତ ଘୁଂଚାଯାଇଥିବା ସଭାରେ କୋରମ୍ ନ ଥିଲେ ମଧ୍ୟ ନିୟମିତ ଭାବରେ ଏହି ସଭାରେ ସମ୍ପାଦିତ ହେବାକୁ ଥିବା କାର୍ଯ୍ୟ ସମ୍ପାଦନ କରାଯିବ ।

୧୫.୦୨.୦୪ ମୂଳ ସଭା କାର୍ଯ୍ୟସୂଚୀ ଅନୁଯାୟୀ ସମ୍ପାଦିତ ହେବାକୁ ଥିବା କାର୍ଯ୍ୟ ଘୁଂଚା ଯାଇଥିବା ସଭାର କାର୍ଯ୍ୟ ସହିତ ସମାନ ହେବ ଏବଂ ଏହି ଘୁଂଚା ଯାଇଥିବା ସଭା ପାଇଁ କିଛି ସାନି କାର୍ଯ୍ୟସୂଚୀ ଆବଶ୍ୟକ ନାହିଁ ।

**୧୬.୦ ବାର୍ଷିକ ସାଧାରଣ ସଭା**

୧୬.୦୧ ଅନ୍ୟାନ୍ୟ କାର୍ଯ୍ୟ ସହିତ, ବାର୍ଷିକ ସାଧାରଣ ସଭା ନିମ୍ନଲିଖିତ କାର୍ଯ୍ୟମାନ ସମ୍ପାଦନ କରିବ :-

୧୬.୦୧.୦୧ ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡିକର ଦୃଢୀକରଣ;

**୧୬.୦୧.୦୨ ପରିଚାଳନା ପରିଷଦର ନିର୍ବାଚିତ ସଦସ୍ୟ ତଥା ପରିଷଦ/ବୋର୍ଡ ଦ୍ୱାରା ବରିତ ସଦସ୍ୟମାନଙ୍କ ପରିଚୟ ପ୍ରଦାନ ।**

୧୬.୦୧.୦୩ ମଞ୍ଜୁରୀପାପ୍ତ ଅଟକଳ ଅପେକ୍ଷା ଅଧିକ ହୋଇଥିବା ଖର୍ଚ୍ଚଗୁଡିକର ଅନୁମୋଦନ;

୧୬.୦୧.୦୪ ପୂର୍ବ ବର୍ଷର ୩୧ ମାର୍ଚ୍ଚ ସୁଦ୍ଧା ହୋଇଥିବା ଲାଭ ଓ କ୍ଷତିର ହିସାବ ଏବଂ ସନ୍ତୁଳିତ ଚିଠା ସହିତ ବାର୍ଷିକ ବିବରଣୀର ବିଚାର ଏବଂ ଲାଭ ବିନିଯୋଗର ମଞ୍ଜୁରୀ;

୧୬.୦୧.୦୫ ପରବର୍ତ୍ତୀ ବର୍ଷପାଇଁ ବୋର୍ଡ ଦ୍ୱାରା ସୁପାରିଶ ହୋଇଥିବା ସଂଘର କାର୍ଯ୍ୟାବଳୀ ଓ ଆୟବ୍ୟୟ ଅଟକଳର ଅନୁମୋଦନ;

୧୬.୦୧.୦୬ ସମୀକ୍ଷକମାନଙ୍କଠାରୁ ମିଳିଥିବା ସମୀକ୍ଷାପତ୍ର ଏବଂ ଆପତ୍ତି ଓ ଅନୁପାଳନ ବିବରଣୀ ଉପରରେ ବିଚାର;

୧୬.୦୧.୦୭ ଏହି ଉପବିଧିରେ ନିର୍ଦ୍ଧାରିତ ସର୍ତ୍ତାନୁସାରେ ବହିଃରଣର ସୀମା ନିର୍ଦ୍ଧାରଣ;

୧୬.୦୧.୦୮ ନିର୍ଦ୍ଦେଶକମଣ୍ଡଳୀ ବୈଠକ (Board Meeting) ଏବଂ ଅନ୍ୟାନ୍ୟ ବୈଠକରେ ଯୋଗ ଦେଉଥିବା ବୋର୍ଡର ସଦସ୍ୟ, ଅନ୍ୟାନ୍ୟ ସଦସ୍ୟ ଏବଂ ପ୍ରତିନିଧିମାନଙ୍କର ଭତ୍ତା ପରିମାଣ ନିର୍ଦ୍ଧାରଣ । ମନୋନୀତ ସଦସ୍ୟମାନଙ୍କୁ ସେମାନଙ୍କର ନିଜ ସଂଗଠନର ନୀତି ନିୟମ ମୁତାବକ ଭତ୍ତା ପ୍ରଦାନ କରାଯିବ;

୧୬.୦୧.୦୯ ହିସାବ ସମୀକ୍ଷା ନିମନ୍ତେ ସାଧାରଣ ବୈଠକରେ ଜଣେ ସମୀକ୍ଷକ କିମ୍ବା ସମୀକ୍ଷା ଫାର୍ମକୁ ନିଯୁକ୍ତି କରାଯିବ । ଯିଏକି ରାଜ୍ୟ ସରକାର କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ କୌଣସି କର୍ତ୍ତୃପକ୍ଷଙ୍କ ଅନୁମୋଦିତ ତାଲିକାରେ ନ ଥିବେ ।

୧୬.୦୧.୧୦ ଆବଶ୍ୟକ ସ୍ଥଳେ ଉପବିଧି ସଂଶୋଧନ, ପରିବର୍ତ୍ତନ ଓ ସଂଯୋଗୀକରଣ ;

୧୬.୦୧.୧୧ ଉପବିଧିର ନିୟମ ଅନୁସାରେ ବୋର୍ଡ ଦ୍ୱାରା ସୁପାରିଶ ପୂର୍ବକ କୌଣସି ସଦସ୍ୟଙ୍କ ବହିଷ୍କାର ବିଷୟ ବିଚାରକୁ ନେବା ;

୧୬.୦୧.୧୨ ସାଧାରଣ ସଭାରେ ଉପସ୍ଥିତ ତିନି ଚତୁର୍ଥାଂଶ ସାଧାରଣ ସଦସ୍ୟଙ୍କର ଓ ଭୋଟ୍ ଦ୍ୱାରା ବୋର୍ଡର ସଦସ୍ୟଙ୍କୁ ବା ସଦସ୍ୟମାନଙ୍କୁ ହଟାଇପାରିବା ;

୧୬.୦୧.୧୩ ସଭାପତିଙ୍କ ଦ୍ୱାରା କିମ୍ବା ସଭାପତିଙ୍କ ସହମତିକ୍ରମେ ଅଣାଯାଇଥିବା ଅନ୍ୟାନ୍ୟ କୌଣସି କାର୍ଯ୍ୟ ବିଚାରକୁ ନେବା ।

୧୬.୦୨ ସାଧାରଣ ସଭାରେ ଉପସ୍ଥିତ ଥିବା ସଦସ୍ୟମାନଙ୍କର ଦୁଇ ତୃତୀୟାଂଶ ସଦସ୍ୟଙ୍କ ଅନୁମତି ସହ, କୌଣସି ସଦସ୍ୟ ନୋଟିସ୍‌ରେ ଦର୍ଶାଯାଇ ନଥିବା ବିଷୟବସ୍ତୁ ଉପସ୍ଥାପିତ କରିପାରିବେ । କିନ୍ତୁ ସେ ଉପବିଧିର କୌଣସି ସଂଶୋଧନ ପ୍ରସ୍ତାବ ଆଗତ କରିପାରିବେ ନାହିଁ ।

*୧୬.୦୩ କାଟିଦିଆଯାଇଛି ।*

**୧୭.୦ ଭୋଟ୍‌ଦେବା ଅଧିକାର**

୧୭.୦୧ ସାଧାରଣ ସଦସ୍ୟତା ବଶତଃ ପ୍ରତ୍ୟେକ ସାଧାରଣ ସଦସ୍ୟଙ୍କ ଗୋଟିଏ ଭୋଟ୍ ଦେବାର କ୍ଷମତା ରହିବ । ଜଣେ ସଦସ୍ୟଙ୍କ ପାଇଁ ଅନ୍ୟ ଜଣେ ବଦଳ ଭୋଟ୍ ଦେଇପାରିବ ନାହିଁ ।

୧୭.୦୨ ବୋର୍ଡର ପ୍ରତ୍ୟେକ ମନୋନୀତ ସଦସ୍ୟଙ୍କର ଗୋଟିଏ ଲେଖାଏଁ ଭୋଟ୍ ଦେବାର କ୍ଷମତା ରହିବ ।

୧୭.୦୩ ଯଦି ଖୁବ୍ କମ୍‌ରେ ୫ ଜଣ କିମ୍ବା ଉପସ୍ଥିତ ସଦସ୍ୟ ସଂଖ୍ୟାର ଏକ ତୃତୀୟାଂଶ ସଦସ୍ୟ (ଯେଉଁଟି କମ୍) ଭୋଟଦାନ ଘୋଷଣା କରିବା ପାଇଁ ଦାବି ନ କରନ୍ତି, ବାର୍ଷିକ ସାଧାରଣ ସଭାରେ ପ୍ରସ୍ତାବଟି ହାତ ଦେଖାଇବା ଦ୍ୱାରା ପାରିତ ହୋଇଅଛି ବୋଲି ସଭାପତିଙ୍କ ଦ୍ୱାରା ଘୋଷଣା ନିର୍ଣ୍ଣାୟକ ହେବ । ମତଦାନ ଦାବି ହେଲେ ମୁକ୍ତ ଭୋଟଦାନ ହେବ ଏବଂ ଭୋଟଦାନ କରୁଥିବା ସଦସ୍ୟମାନେ ନିଜର ନାମ ଏବଂ ଦସ୍ତଖତ ଥାଇ ହଁ/ନାଁ/ଭୋଟଦେବାରୁ ବିରତ ଉଲ୍ଲେଖ କରି ଗୋଟିଏ ସାଧା କାଗଜ ଫର୍ଦ୍ଦରେ ପ୍ରସ୍ତାବିତ ନିଷ୍ପତ୍ତି ଟିକୁ ଦର୍ଶାଇ ଭୋଟଦାନ କରିବା ପାଇଁ ସଦସ୍ୟମାନଙ୍କୁ କୁହାଯିବ ।

୧୭.୦୪ ଯଦି ସମାନ ସଂଖ୍ୟକ ଭୋଟ୍ ପଡିଥାଏ, ତେବେ ବୈଠକର ସଭାପତି ନିଜର ବ୍ୟକ୍ତିଗତ ଭୋଟ୍ ବ୍ୟତିରେକ ଅନ୍ୟ ଏକ ଅତିରିକ୍ତ ଭୋଟ୍ ଦେବାର କ୍ଷମତା ରହିବ ।

**୧୮.୦ ସହବନ୍ଧନ (Affiliation)**

୧୮.୦୧ ସଂଘଟି ଓଡିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍ ସହିତ ସହବନ୍ଧ ହେବ ।

**୧୯.୦ ପରିଚାଳନା ପରିଷଦର ନାମ ବୋର୍ଡ (Committee of Management)**

୧୯.୦୧ ସଂଘର ନିର୍ଦ୍ଦେଶକମଣ୍ଡଳୀ/ବୋର୍ଡ ନିମ୍ନଲିଖିତ ସଦସ୍ୟମାନଙ୍କୁ ନେଇ ଗଠିତ ହେବ:

୧୯.୦୧.୦୧ ପରିଚାଳନା ପରିଷଦର ସମସ୍ତ ନିର୍ବାଚିତ ସଦସ୍ୟଙ୍କ ମଧ୍ୟରେ ଅନୁସୂଚିତ ଜାତି, ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ସହିତ ଶିକ୍ଷା ଓ ସାମାଜିକ କ୍ଷେତ୍ରରେ ପଛୁଆ ବର୍ଗ ତଥା ମହିଳାଙ୍କ ଅଂଶଗ୍ରହଣ ରହିବ; ଯାହାକି ମୋଟ୍ ସଭ୍ୟ ସଂଖ୍ୟା ମଧ୍ୟରୁ ଉପରୋକ୍ତ ପ୍ରତ୍ୟେକ ବର୍ଗର ଥିବା ସଭ୍ୟ ସଂଖ୍ୟା ଅଂଶାନୁପାତିକ ଭାବରେ ଦଫା (**ii** – କ) ଉପଧାରା (୧) ଓ ଧାରା ୨୮-କ ଅନୁଯାୟୀ ଭାଗ ନେଇପାରିବେ । ସେହିପରି ଉପରୋକ୍ତ ପ୍ରତ୍ୟେକ ବର୍ଗରୁ ମହିଳାମାନଙ୍କ ପ୍ରତିନିଧିତ୍ୱ; ଯାହାକି ନିର୍ବାଚନ **(Electoral College)** ରେ ଥିବା ମୋଟ୍ ମହିଳା ସଭ୍ୟ ସଂଖ୍ୟାର ଅଂଶାନୁପାତିକ ଭାବରେ ରହିବ ।

ପରନ୍ତୁ ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ଉପବିଧିର ନିୟମ ଅନୁସାରେ; ସେହି ସଭ୍ୟମାନଙ୍କର କୌଣସି ପ୍ରକାର ପ୍ରତିବନ୍ଧକ ରହିବ ନାହିଁ ଯଦି ସେମାନେ କେନ୍ଦ୍ରୀୟ ସମିତିର ପରିଚାଳନା ପରିଷଦରେ ପୂର୍ବୋକ୍ତି ସଂରକ୍ଷିତ ବର୍ଗର ବଳକା ଆସନ ପାଇଁ ନିର୍ବାଚନରେ ପ୍ରତିଯୋଗିତା କରିବେ ।

ଏଭଳି ଘଟଣା କ୍ରମରେ ବୋର୍ଡର ସଂରକ୍ଷିତ ଆସନ ଗୁଡିକ ମହିଳା, ଅନୁସୂଚିତ ଜାତି, ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗ ତଥା ଶିକ୍ଷା ଓ ସାମାଜିକ କ୍ଷେତ୍ରରେ ପଛୁଆ ବର୍ଗ ଯଦି ଅପୂରଣୀୟ ରହିବ, ତାହେଲେ ସମିତିର ସେହି ନିର୍ଦ୍ଧାରିତ ବର୍ଗର ସଭ୍ୟମାନଙ୍କ ମଧ୍ୟରୁ ଆବଶ୍ୟକୀୟ ସଂଖ୍ୟକ ସଭ୍ୟଙ୍କୁ **Co-opted** କରାଯାଇପାରିବ କିମ୍ବା ସମିତିର **Electoral College** ରେ ଥିବା ସଭ୍ୟମାନଙ୍କ ମଧ୍ୟରୁ Co-option କରି ଲକ୍ଷ୍ୟ ପୂରଣ କରାଯିବ ।

ପୂରଣ ହୋଇ ନ ଥିବା ଖାଲି ସ୍ଥାନ ଉପରୋକ୍ତ ବର୍ଗଙ୍କ ପାଇଁ ସଂରକ୍ଷିତ ହେଲେ କମିଟୀ ଗଠନ ପ୍ରଣାଳୀ କିମ୍ବା କାର୍ଯ୍ୟକାରୀତା ଅସିଦ୍ଧ ହେବ ନାହିଁ ବରଂ ଗଣପୂର୍ତ୍ତୀ (କୋରମ୍) ହେବାରେ ସାହାଯ୍ୟ କରିବ ।

Co-opted ହୋଇଥିବା ସଭ୍ୟମାନଙ୍କ କାର୍ଯ୍ୟକାଳ ମଧ୍ୟ ବୋର୍ଡର ଅନ୍ୟ ସଭ୍ୟମାନଙ୍କ ସହିତ ସମାନ ସମୟରେ ଶେଷ ହେବ ।

କ) ସମିତିର ପରିଚାଳନା କମିଟୀ ପାଂଚ ବର୍ଷ ପାଇଁ ଅଫିସ୍ ପରିଚାଳନା ଦାୟୀତ୍ୱରେ ରହିବ ।
ଖ) ପରିଚାଳନା କମିଟୀର ନିର୍ବାଚିତ ସଭ୍ୟ ଯେ କୌଣସି ସମୟରେ ନିଜ ଦାୟୀତ୍ୱରୁ ଅବ୍ୟାହତି ନେବାକୁ ଚାହିଁଲେ ସମିତିର ସଂପାଦକଙ୍କୁ ଲିଖିତ ଭାବରେ ନିଜ ଇସ୍ତଫା ପତ୍ର ପଠାଇପାରିବେ; ମାତ୍ର ଉକ୍ତ ଇସ୍ତଫା ପତ୍ର ପରିଚାଳନା କମିଟୀ ଦ୍ୱାରା ଗୃହୀତ ହେବା ଦିନଠାରୁ ହିଁ କାର୍ଯ୍ୟକାରୀ ହେଲା ବୋଲି ଧରାଯିବ ।
ଗ) ପରିଚାଳନା ପରିଷଦର ଯଦି କୌଣସି ସଭ୍ୟ କ୍ରମାନ୍ୱୟରେ ତିନୋଟି ବୈଠକରେ ଅନୁପସ୍ଥିତ ରହିବେ, ତାହେଲେ ବିନା କୌଣସି ନୋଟିସ୍ ରେ ତାଙ୍କ ସଭ୍ୟପଦ ରଦ୍ଦ ହୋଇଯିବ । କିନ୍ତୁ ସଭ୍ୟ ଏଥିପାଇଁ ନିଜ ତରଫରୁ ଯଥେଷ୍ଟ କାରଣ ଦର୍ଶାଇପାରିବେ ଓ ପରିଚାଳନା ପରିଷଦ ତାଙ୍କୁ ପୁନର୍ବାର ସଭ୍ୟ ପଦରେ ଅବସ୍ଥାପିତ କରିପାରିବେ ।
ଘ) କୌଣସି ବ୍ୟକ୍ତି ବିଶେଷ, ନିଜେ କିମ୍ବା ସମିତିର ପ୍ରତିନିଧି, ଓଡିଶା ସମବାୟ ସମିତି ଆଇନ୍ ୧୯୬୨ ଧାରା ୨୮ (୨) ଅନୁସାରେ ଯଦି ଅଯୋଗ୍ୟ ଘୋଷିତ ହୋଇଥିବେ, ତେବେ ସେ ପରିଚାଳନା ପରିଷଦର ସଭ୍ୟ/ସଭାପତି କିମ୍ବା ଉପ-ସଭାପତି ଭାବରେ କାର୍ଯ୍ୟକ୍ଷମ ହୋଇ ପରିଚାଳନା କରିପାରିବେ ନାହିଁ ।
ଙ) ଓଡିଶା ସମବାୟ ସମିତି ସମୂହ ଆଇନ୍ ୧୯୬୨ ଧାରା ୩୧ ଅନୁଯାୟୀ ସମିତି ସରକାରୀ ପ୍ରତିନିଧିମାନଙ୍କୁ Co-opt କରିପାରିବ ।

୧୯.୦୨ ପରିଚାଳନା ପରିଷଦର ପ୍ରଥମ ବୈଠକ ବରିତ ସଦସ୍ୟ (Co-opted) ମାନଙ୍କ ନାମ ଗ୍ରହଣ କରିବାର ଦୁଇମାସ ମଧ୍ୟରେ ଆହୁତ ହେବ ।

୧୯.୦୩ ପରିଚାଳନା ପରିଷଦର ସଭ୍ୟ ତଥା ସଭାପତି ଓ ଉପ-ସଭାପତି ନିର୍ବାଚନ ଓଡିଶା ସମବାୟ ଆଇନ୍ ଓ ନିୟମ ଅନୁଯାୟୀ ହେବ ।

*୧୯.୦୪.୦୧ କାଟିଦିଆଯାଇଅଛି ।*

୧୯.୦୪.୦୨ ପରିଚାଳନା ପରିଷଦର ସମସ୍ତ ସଭ୍ୟ ତଥା ସଭାପତି ଓ ଉପ-ସଭାପତି ନିର୍ବାଚିତ ହୋଇ ଅବୈତନିକ ଭାବରେ କାର୍ଯ୍ୟାଳୟରେ ଯୋଗଦାନ କରିବେ । କୌଣସି ପ୍ରକାର ମାନଦେୟ/ପାରିତୋଷିକ ସମୟାନ୍ତରରେ କ୍ଷମତା ସମ୍ପନ୍ନ କର୍ତ୍ତୃପକ୍ଷଙ୍କ ସର୍କୁଲାର/ ଗାଇଡ୍‌ଲାଇନ୍/ନିର୍ଦ୍ଦେଶ ଅନୁଯାୟୀ ଯୋଗାଇ ଦିଆଯିବ ।

୧୯.୦୫ ପରିଚାଳନା ପରିଷଦର ନର୍ବାଚିତ ସଭ୍ୟ ପାଂଚ ବର୍ଷ ପାଇଁ କ୍ଷମତା ସଂପନ୍ନ ରହିବେ ।

*୧୯.୦୬.୦୧ କାଟିଦିଆଯାଇଅଛି ।*

*୧୯.୦୬.୦୨ କାଟିଦିଆଯାଇଅଛି ।*

୧୯.୦୬.୦୩ ଯଦି କୌଣସି କାରଣ ବଶତଃ ପରିଚାଳନା ପରିଷଦର କୌଣସି ସଦସ୍ୟ, ସଭାପତି କିମ୍ବା ଉପ-ସଭାପତିଙ୍କ ମୃତ୍ୟୁବରଣ, ଇସ୍ତାଫା କିମ୍ବା ଅପସାରଣ ହୁଏ, ତେବେ ଏହା ମୂଳତଃ ଓଡିଶା ସମବାୟ ଆଇନ୍ ଓ ନିୟମ ଅନୁଯାୟୀ ଯେମିତି ପୂରଣ ହୋଇଥିଲା ଠିକ୍ ସେପରି ଭାବରେ ହେବ ।

**୧୯.୦୭ ବୋର୍ଡର ସଭା**

୧୯.୦୭.୦୧ ନିର୍ବାଚିତ ବୋର୍ଡ ସଦସ୍ୟମାନଙ୍କର କାର୍ଯ୍ୟକାଳ ପରବର୍ତ୍ତୀ ସାଧାରଣ ସଭା କିମ୍ବା ପରବର୍ତ୍ତୀ ନିର୍ବାଚନ, ଯେଉଁଟି ପରେ ଅନୁଷ୍ଠିତ ହେଉଥିବ, ସେହି ପର୍ଯ୍ୟନ୍ତ ଉପବିଧିର କ୍ର ୧୯.୬ ଅନୁସାରେ ହେବ ।

୧୯.୦୭.୦୨ ବୋର୍ଡର ସଭାରେ ସଭାପତି ସଭାପତିତ୍ୱ କରିବେ । ତାଙ୍କ ଅନୁପସ୍ଥିତିରେ ସଭାରେ ଉପସ୍ଥିତ ଥିବା ନିର୍ଦ୍ଦେଶକମାନେ ଜଣେ ସଦସ୍ୟଙ୍କୁ ଉକ୍ତ ସଭାରେ ସଭାପତିତ୍ୱ କରିବା ପାଇଁ ନିର୍ବାଚିତ କରିବେ ।

୧୯.୦୭.୦୩ ଯେଉଁ ସମୟରେ କୌଣସି କାର୍ଯ୍ୟ ସମ୍ପାଦନ ଆବଶ୍ୟକ ମନେହୁଏ, ବୋର୍ଡର ସଭା ଡକାଯାଇପାରିବ, କିନ୍ତୁ ଏହା ଖୁବ୍ କମ୍‌ରେ ତିନିମାସରେ ଥରେ ଅନୁଷ୍ଠିତ ହେବ ।

୧୯.୦୭.୦୪ ସାଧାରଣତଃ ସାତଦିନିଆ ନୋଟିସ୍ ମାଧମରେ ବୋର୍ଡର ସଭା ଡକାଯିବ । କିନ୍ତୁ ଆବଶ୍ୟକ ହେଲେ, ଏହାଠାରୁ ସ୍ୱଳ୍ପ ଦିନିଆ ନୋଟିସ୍ ମାଧମରେ ମଧ ଡକାଯାଇ ପାରିବ ।

୧୯.୦୭.୦୫ ବୋର୍ଡ ସଦସ୍ୟ ସଂଖ୍ୟାର ୫୦% ରୁ ଉର୍ଦ୍ଧ୍ୱ ଉପସ୍ଥିତ, ବୋର୍ଡ ସଭାରେ କୋରମ୍ ବୋଲି ଧରାଯିବ ।

୧୯.୦୭.୦୬ ବୋର୍ଡର ପ୍ରତ୍ୟେକ ସଦସ୍ୟଙ୍କର ଗୋଟିଏ ଭୋଟଦେବାର ଅଧିକାର ରହିବ ।

୧୯.୦୭.୦୭ ବୋର୍ଡର ସଭାରେ ଉପସ୍ଥିତ ସଦସ୍ୟଙ୍କର ସଂଖ୍ୟାଗରିଷ୍ଠ ଭୋଟ୍ ମାଧମରେ କୌଣସି ନିଷ୍ପତ୍ତି ଚୂଡାନ୍ତ ହେବ । ଯଦି ସହବନ୍ଧନ **(Tie)** ହୁଏ, ତେବେ ସଭାର ସଭାପତିଙ୍କର ନିଜର ବ୍ୟକ୍ତିଗତ ଭୋଟ୍ କୁ ଛାଡି ଗୋଟିଏ ନିର୍ଣ୍ଣାୟକ ଭୋଟ୍ ଦେବାର କ୍ଷମତା ରହିବ ।

୧୯.୦୭.୦୮ ଯଦି ଉପଯୁକ୍ତ କାରଣ ନ ଦର୍ଶାଇ ବୋର୍ଡର କୌଣସି ନିର୍ବାଚିତ ସଦସ୍ୟ ଲଗାତର ତିନିଟି ସଭାରେ ଅନୁପସ୍ଥିତ ରହନ୍ତି, ସେ ସଦସ୍ୟ ପଦରେ ରହି ପାରିବ ନାହିଁ ।

୧୯.୦୭.୦୯ କୌଣସି ବିଷୟ ବସ୍ତୁରେ ନିଜର ବ୍ୟକ୍ତିଗତ ସ୍ୱାର୍ଥଜଡିତ ଥିଲେ ସେ ବିଷୟ ଆଲୋଚନାରେ ବା ତା ଉପରେ ଭୋଟ୍ ଦେବା ପାଇଁ ଉକ୍ତ ସଦସ୍ୟ ଉପସ୍ଥିତ ରହିବେ ନାହିଁ ।

୧୯.୦୭.୧୦ କୌଣସି ଜରୁରୀ ପରିସ୍ଥିତିରେ, ଯଦି ବୋର୍ଡର ସଭା ପର୍ଯ୍ୟନ୍ତ କୌଣସି ଏକ ନିଷ୍ପତ୍ତି ଅପେକ୍ଷା କରାଯାଇପାରିବ ନାହିଁ ବୋଲି ଅନୁଭବ କରାଯାଏ, ତେବେ ବୋର୍ଡର ସଦସ୍ୟମାନଙ୍କ ମଧ୍ୟରେ ପ୍ରସ୍ତାବଟିକୁ ପ୍ରସାର କରାଯାଏ, ତେବେ ବୋର୍ଡର ସଦସ୍ୟମାନଙ୍କ ମଧ୍ୟରେ ପ୍ରସ୍ତାବଟିକୁ ପ୍ରସାର କରାଯାଇ ନିଷ୍ପତ୍ତି ନିଆଯିବ ଏବଂ ଏହି ପ୍ରଣାଳୀ ମାଧମରେ ଯଦି ପ୍ରସ୍ତାବଟି ସଂଖ୍ୟାଗରିଷ୍ଠ ସଦସ୍ୟଙ୍କର ଅନୁମୋଦନ ଲାଭକରେ, ତାହା ବୋର୍ଡର ସଭାରେ ନିଆଯାଇଥିବା ନିଷ୍ପତ୍ତିଭଳି ପ୍ରଭାବି ଓ ବଳବତ୍ତର ହେବ ଏବଂ ପ୍ରସ୍ତାବ ଖାତାରେ ଲିପିବଦ୍ଧ ହେବ ଓ ପରବର୍ତ୍ତୀ ସଭାରେ ଅନୁମୋଦନ କରାଯିବ ।

୧୯.୦୭.୧୧ ବୋର୍ଡର ଗଠନ ବା ସଦସ୍ୟଙ୍କର ନିଯୁକ୍ତିରେ ପରବର୍ତ୍ତୀ କାଳରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ମଧ ବୋର୍ଡ ଦ୍ୱାରା ବା ସଦସ୍ୟ ଦ୍ୱାରା କରାଯାଇଥିବା କାର୍ଯ୍ୟକୁ ମାନ୍ୟ **(Velid)** ଧରାଯିବ, ଯେପରିକି ବୋର୍ଡର ଗଠନ ବା ସଦସ୍ୟଙ୍କର ନିଯୁକ୍ତି ଠିକ୍ ଥିଲେ ଧରାଯାଇଥାନ୍ତା ।

୨୦.୦ ବୋର୍ଡର ସଦସ୍ୟତା ନିମନ୍ତେ ନିର୍ବାଚନରେ ଲଢୁଥିବା ସାଧାରଣ ସଦସ୍ୟଙ୍କର ଯୋଗ୍ୟତା

୨୦.୦୧ ସଦସ୍ୟ ସମିତିର ସଭାପତି ଓ ସଭ୍ୟ, ପରିଚାଳନା ପରିଷଦ (ବୋର୍ଡ) ର ସଭ୍ୟ ହେବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ; ଯେତେବେଳ ପର୍ଯ୍ୟନ୍ତ ସେ ପ୍ରତିନିଧିତ୍ୱ କରୁଥିବା ସମିତିର ନୈତିକ ଦାୟୀତ୍ୱ ଓଡିଶା ସମବାୟ ସମିତି ଆଇନ୍, ନିୟମ ଓ ଉପବିଧି ଅନୁଯାୟୀ ସଂପାଦନ କରୁଥିବେ ।

୨୦.୦୧.୦୧ ବିଗତ ବର୍ଷର ୩୧ ମାର୍ଚ୍ଚ ସୁଦ୍ଧା, ଉପବିଧିର ଧାରା ୧୧ ଏବଂ ୧୩ରେ ଦର୍ଶାଯାଇଥିବା ସମସ୍ତ ନୈତିକ ଦାୟୀତ୍ୱ ତୁଲାଇ ନଥାଏ, ଏବଂ ଅଡିଟ୍ ସମୀକ୍ଷା ଅନୁଯାୟୀ 'କ' ବା 'ଖ' ହୋଇ ନଥାଏ ।

୨୦.୦୧.୦୨ ନିର୍ବାଚନ ଦିନ ସୁଦ୍ଧା, ସଂଘର ସାଧାରଣ ସଦସ୍ୟତା ଏକ ବର୍ଷରୁ କମ୍ ହୋଇ ନଥିବ ।

୨୦.୦୧.୦୩ କେବଳ ପ୍ରାକୃତିକ ଦୁର୍ବିପାକ ବ୍ୟତୀତ ନିଜସ୍ୱ କାରଣରୁ ପୂର୍ବ ସମବାୟ ବର୍ଷରେ ଅଚଳ ନ ଥିବ ।

୨୦.୦୧.୦୪ କେବଳ ପ୍ରାକୃତିକ ଦୁର୍ବିପାକ ବ୍ୟତୀତ ଅନ୍ୟ କୌଣସି କାରଣରୁ ପୂର୍ବ ବର୍ଷରେ ସଂଘର ସାଧାରଣ ସଭାର ନିଷ୍ପତ୍ତି ଅନୁଯାୟୀ ଧାର୍ଯ୍ୟ ପରିମାଣ ଓଜନର ବର୍ଷସାରା ସଂଘକୁ ଦୁଗ୍ଧ ଯୋଗାଣ କରି ନଥାଏ ।

୨୦.୦୧.୦୫ ସଂଘକୁ ଛାଡି ଅନ୍ୟ କୌଣସି ଏଜେନ୍ସିକୁ ଯଦି ପୂର୍ବ ବର୍ଷ ଦୁଗ୍ଧ ବିକ୍ରି ବା ଯୋଗାଣ କରିଥାଏ;

୨୦.୦୧.୦୬ ସଂଘକୁ ଦେୟ ଥିବା କୌଣସି ପାଉଣା ଦେବାରେ ଖିଲାପ କରିଥାଏ ।

୨୦.୦୨ ଗୋଟିଏ ସଦସ୍ୟ ସମିତିର ଅଧକ୍ଷ, ନିର୍ବାଚନ ପାଇଁ ଯୋଗ୍ୟ ହେବ ନାହିଁ, ଯଦି:

୨୦.୦୨.୦୧ ସେ ଜଣେ ସରକାରୀ ଚାକିରୀଆ ହୋଇଥିବେ ବା ମହାସଂଘର ବା କୌଣସି ସଦସ୍ୟ ସମିତିର ପୂର୍ବତନ ଚାକିରୀଆ ହୋଇଥିବେ ବା ସରକାରୀ ବା ମହାସଂଘର ଚାକିରୀରୁ ବା ସଦସ୍ୟ ସମିତିର ଚାକିରୀରୁ ବହିଷ୍କୃତ ଚାକିରୀଆ ହୋଇଥିବେ

୨୦.୦୨.୦୨ ସେ ସମିତିର ଖିଲାପକାରୀ ହୋଇଥିବେ ଏବଂ କୌଣସି ବକେୟା ପାଉଣା ତାଙ୍କଠାରୁ ବଳପୂର୍ବକ ଆଦାୟ କରାଯାଇଥିବ;

୨୦.୦୨.୦୩ ସେ ଅଧିନିୟମର ବ୍ୟବସ୍ଥା ଅନୁଯାୟୀ କୌଣସି ଅପରାଧୀ ସାବ୍ୟସ୍ତ ହୋଇଥିବେ ;

୨୦.୦୨.୦୪ ସେ ଅସାଧୁ ପ୍ରମାଣିତ ବା ଦେବାଳିଆ ଘୋଷିତ ହୋଇଥିବେ ।

୨୦.୦୨.୦୫ ତାଙ୍କର ସଂଘ କିମ୍ବା ମହାସଂଘ ସହିତ କୌଣସି ଚୁକ୍ତି ପତ୍ରରେ କିମ୍ବା ସଂଘ ଦ୍ୱାରା କ୍ରୟ ବା ବିକ୍ରୟ ହୋଇଥିବା କୌଣସି ସମ୍ପତ୍ତିରେ କିମ୍ବା ସଂଘଠାରୁ ନେଇଥିବା କୌଣସି ଋଣରେ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ କୌଣସି ସ୍ୱାର୍ଥ ଜଡିତ ଥିବ ।

୨୦.୦୨.୦୬ ସେ ସଂଘର ବ୍ୟବସାୟ ଭଳି ସମାନ ବ୍ୟବସାୟ ଚଳାଇବାରେ ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ ଲିପ୍ତ ଥାଅନ୍ତି ବା ତାଙ୍କର ଏଭଳି କାର୍ଯ୍ୟକଳାପରେ ପ୍ରତ୍ୟେକ୍ଷ ବା ପରୋକ୍ଷ ସ୍ୱାର୍ଥ ନିହିତ ଥାଏ ଯଦି ପରବର୍ତ୍ତୀ ପର୍ଯ୍ୟାୟରେ ଏଭଳି ସ୍ୱାର୍ଥ ହାସଲ କରନ୍ତି, ସେ ବୋର୍ଡର ସଦସ୍ୟଭାବେ ରିହିପାରିବେ ନାହିଁ ।

**ଟୀପ୍ପଣୀ –** ସଦସ୍ୟ ସମିତି ଦ୍ୱାରା ଦୁଗ୍ଧ ଯୋଗାଣକୁ ସମାନ ପ୍ରକାର ବ୍ୟବସାୟ ଭାବେ ବିଚାର କରାଯିବ ନାହିଁ । କାରଣ, ଏଭଳି ସମିତି ଦ୍ୱାରା ବିକ୍ରୟ କରାଯାଉଥିବା ଦୁଗ୍ଧ କେବଳ ସଂଘକୁ ଯୋଗାଇବାକୁ ହୋଇଥାଏ ।

୨୦.୦୨.୦୭ ସେ ସଂଘର ଚାକିରୀଆଙ୍କର ଜଣେ ନିକଟ ସମ୍ପର୍କୀୟ ହୋଇଥିବେ, ଯଥା : ପିତା, ମାତା, ପତି ବା ପତ୍ନୀ, ପୁତ୍ର, କନ୍ୟା, ଭ୍ରାତା ବା ଭଗିନୀ ।

୨୦.୦୩ ଯଦି ପରିଚାଳନା ପରିଷଦ ର ନିର୍ବାଚିତ ସଦସ୍ୟ ଜଣକ, ପ୍ରତିନିଧିତ୍ୱ କରୁଥିବା ସମିତିର ସଭାପତି ନ ରହନ୍ତି, ତେବେ ସେ ଆପେ ଆପେ ପରିଚାଳନା ପରିଷଦର ସଦସ୍ୟ ପଦରୁ ମଧ୍ୟ ବିରତ ହେବେ ।

୨୧.୦୦ ପରିଚାଳନା ପରିଷଦର କ୍ଷମତା, ଦାୟୀତ୍ୱ ଏବଂ କାର୍ଯ୍ୟକଳାପ

୨୧.୦୧ ସଂଘର ନୀତିଗୁଡିକ ଧାର୍ଯ୍ୟ କରିବାର କ୍ଷମତା ବୋର୍ଡ ଉପରେ ନ୍ୟସ୍ତ ହେବ । ସବୁ ପ୍ରକାର କ୍ଷମତା ପ୍ରୟୋଗ କରିପାରିବା ଏବଂ ଚୁକ୍ତିମାନ ସ୍ୱାକ୍ଷରିତ କରିବା, ସଂଘ ଯେଉଁ ଆଭିମୁଖ୍ୟଗୁଡିକ ପାଇଁ ପ୍ରତିଷ୍ଠିତ ହୋଇଛି ତାହାର ସୁପରିଚାଳନା ପାଇଁ ଆବଶ୍ୟକ ହେଉଥିବା ସବୁ ପ୍ରକାର କାର୍ଯ୍ୟ କରିବା ଓ ସେଥିପାଇଁ ସୁବ୍ୟବସ୍ଥା କରିବା ଏବଂ ଅଧିନିୟମ ଓ ନିୟମାବଳୀର ବ୍ୟବସ୍ଥା ଅନୁଯାୟୀ ବା ପରବର୍ତ୍ତୀ କାଳରେ ଯେଉଁ ଅଧିନିୟମ କିମ୍ବା ସଂଘ ଦ୍ୱାରା ତିଆରି ହୋଇଥିବା ଅନ୍ୟ କୌଣସି ଉପବିଧି ଏବଂ ମହାସଂଘର ନୀତିଗୁଡିକର ବ୍ୟବସ୍ଥା ଅନୁଯାୟୀ ବୋର୍ଡ କାର୍ଯ୍ୟ କରିବାକୁ କ୍ଷମତା ରହିବ ।

୨୧.୦୧.୦୨ ଏଇ ଉପବିଧି ଦ୍ୱାରା ମିଳୁଥିବା ସାଧାରଣ କ୍ଷମତାଗୁଡିକ ଉପରେ କୌଣସି ପ୍ରତିକୂଳ ପ୍ରଭାବ ବିନା ନିମ୍ନଲିଖିତ କ୍ଷମତା ଓ କର୍ତ୍ତବ୍ୟଗୁଡିକ ଅଭିବ୍ୟକ୍ତ ରୂପେ ବୋର୍ଡକୁ ପ୍ରଦାନ କରାଯାଇଅଛି ।

୨୧.୦୨.୦୧ ପୂର୍ବବର୍ତ୍ତୀ ସଭାରେ ନିଆଯାଇଥିବା ନିଷ୍ପତ୍ତିକୁ ଅନୁମୋଦନ କରିବା ।

୨୧.୦୨.୦୨ ସଦସ୍ୟତା ଅଂଶଧନଗୁଡିକ, ଋଣପତ୍ରଗୁଡିକ ଏବଂ ତାର ହସ୍ତାନ୍ତର ପାଇଁ ଆବେଦନ ପତ୍ରଗୁଡିକ ବିଚାର କରିବା ।

୨୧.୦୨.୦୩ ଋଣ, ଋଣପତ୍ର ଉଠାଇବା, ଜମାଗ୍ରହଣ କରିବା ଏବଂ ସେଥିପାଇଁ ବିହିତ ବ୍ୟବସ୍ଥା କରିବା ।

୨୧.୦୨.୦୪ ଅଂଶଧନ କିମ୍ବା ଋଣପତ୍ର ପାଇଁ ଏବଂ ତାହାର ଅନ୍ତରଣ ପାଇଁ ଚାନ୍ଦା ସଦସ୍ୟମାନଙ୍କଠାରୁ ଆହ୍ୱାନ କରିବା ।

୨୧.୦୨.୦୫ ମାସିକ ବା ତ୍ରୈମାସିକ ବା କାମଚଳା ସନ୍ତୁଳନ ଫର୍ଦ୍ଦଗୁଡିକ, ରାଜସ୍ୱ ଏବଂ ମୂଳଧନ ଖର୍ଚ୍ଚଗୁଡିକୁ ଅନୁମୋଦନ କରିବା ।

୨୧.୦୨.୦୬ ସମୀକ୍ଷା ଫର୍ଦ୍ଦ ବିଚାର କରିବା ଏବଂ ସମୀକ୍ଷା ସଂଶୋଧନ ବିବରଣୀ ଦାଖଲ କରିବା ।

୨୧.୦୨.୦୭ ବ୍ୟବସାୟିକ, ଲାଭ ଓ କ୍ଷତି ବିବରଣୀ ଏବଂ ବର୍ଷର ସନ୍ତୁଳନ ଫର୍ଦ୍ଦକୁ ଅନୁମୋଦନ ଏବଂ ସ୍ୱୀକୃତି ଲାଭର ବିନିଯୋଗ ପାଇଁ ସୁପାରିଶ କରିବା ଏବଂ ପୂର୍ବ ବର୍ଷର ବାର୍ଷିକ ବିବରଣୀ, କ୍ରମୋନ୍ନତି ବିବରଣୀ, ସଭାଗୁଡିକ ପାଇଁ କାର୍ଯ୍ୟସୂଚୀ ଏବଂ ଆସୁଥିବା ବର୍ଷର ଅଟକଳକୁ ସାଧାରଣ ସଭା ସମ୍ମୁଖରେ ଉପସ୍ଥାପନ ପାଇଁ ପ୍ରସ୍ତୁତ କରିବା ।

୨୧.୦୨.୦୮ ରୋକଡ, ମାଲ ଓ ପ୍ରତିଭୂଗୁଡିକ ସମ୍ଭାଳୁଥିବା କର୍ମଚାରୀମାନଙ୍କ ଦ୍ୱାରା ତାହା ତୋଷାରପ ହେବା ବା ଚୋରିହେବା ବା ଆତ୍ମସାତ୍ ହେବା ବିରୁଦ୍ଧରେ ଯଥେଷ୍ଟ ନିରାପତ୍ତା ବ୍ୟବସ୍ଥା କରିବା ।

୨୧.୦୨.୦୯ ସମ୍ପତ୍ତିର କ୍ଷତି ନ ହେବା ପାଇଁ ବୀମାକରଣର ବ୍ୟବସ୍ଥା ଏବଂ ବୀମାକରଣ କାର୍ଯ୍ୟ ପାଇଁ ଏଜେନ୍ସି ଗ୍ରହଣ କରିବା ।

୨୧.୦୨.୧୦ କର୍ମଚାରୀ ନିୟମାବଳୀ ଅନୁସାରେ କର୍ମଚାରୀମାନଙ୍କର ଓ ବ୍ୟବସାୟ ପାଇଁ ସମିତିମାନଙ୍କର, ଋଣ ଦରଖାସ୍ତଗୁଡିକୁ ବିଚାରକୁ ନେବା ।

୨୧.୦୨.୧୧ ଜମି ଓ ଘରଗୁଡିକ ଲିଜ୍ ଆକାରରେ କିଣିବା ପାଇଁ ବା ସଂଘର ବ୍ୟବହାର ପାଇଁ ବା ସାଧାରଣ ସଦସ୍ୟମାନଙ୍କୁ ଭଡାସୂତ୍ରେ ଦେବା ପାଇଁ ଏବଂ ସଂଘର ଅଫିସ୍ ଗୃହ ପାଇଁ ଏବଂ ମାଲ ରଖିବା ପାଇଁ ଆହରଣ କରିବା ନିମନ୍ତେ ଟଙ୍କା ମଞ୍ଜୁର କରିବା ।

୨୧.୦୨.୧୨ ସରକାରୀ ଏବଂ ଅନ୍ୟ ପ୍ରତିଭୂଗୁଡିକୁ ସମର୍ଥନ ବିକ୍ରୟ, ହସ୍ତାନ୍ତର ଏବଂ ଅନ୍ୟପ୍ରକାରରେ କାରବାର କରିବା

୨୧.୦୨.୧୩ ସଂଘର ବ୍ୟବସାୟ ପାଇଁ ଆବଶ୍ୟକ ହେଉ ନଥିବା ଜମି ଓ ଚଳନ୍ତି ବା ଅଚଳନ୍ତି ସମ୍ପତ୍ତିକୁ ବିକ୍ରୟ କରିବା ।

୨୧.୦୨.୧୪ ସାଧାରଣ ପରିଚାଳକଙ୍କୁ ପଣ୍ୟଦ୍ରବ୍ୟଗୁଡିକ ଉଧାରରେ ବିକ୍ରୟ କରିବା ପାଇଁ କ୍ଷମତା ପ୍ରଦାନ କରିବା ।

୨୧.୦୨.୧୫ ଯେତେବେଳେ ଆବଶ୍ୟକ ହେଉଥିବ ବା ନିବନ୍ଧକ ଦେବେ, ସଦସ୍ୟ ସମିତିର ପରିଚାଳନା ହାତକୁ ନେବା ପାଇଁ ନିଷ୍ପତ୍ତି ନେବା ।

୨୧.୦୨.୧୬ କର୍ମଚାରୀମାନଙ୍କର ହିତ ପାଇଁ ନ୍ୟାସ (ଟ୍ରଷ୍ଟ) ସୃଷ୍ଟିକରିବା ଏବଂ ତାର ସମର୍ଥନ କିମ୍ବା/ଓ ସହାୟତା ପାଇଁ ପାଣ୍ଠି ସଂଗ୍ରହ କରିବା ।

୨୧.୦୨.୧୭ ସଂଘ ଦ୍ୱାରା ବା ବିରୁଦ୍ଧରେ ବା ଏହାର ଅଫିସରଙ୍କ ବିରୁଦ୍ଧରେ ବା ସଂଘ ବ୍ୟାପାର ସମ୍ବନ୍ଧୀୟ, କୌଣସି ବିଧିକ କାର୍ଯ୍ୟବିଧି ଦାଏର କରିବା, ସଂଚାଳକ କରିବା, ପ୍ରତିବାଦ କରିବା, ଆପୋଷ ସମାଧାନ କରିବା ବା ପରିତ୍ୟାଗ କରିବା ଏବଂ କୌଣସି ଦେୟ ପଇଠ କରିବା ବା ସମାଧାନ କରିବା ପାଇଁ ସମୟ ମଧ୍ୟ ମଞ୍ଜୁର କରିବା ଏବଂ ମଧ୍ୟସ୍ଥତା ମାଧ୍ୟମରେ ବା ଅନ୍ୟ ପ୍ରକାରେ ସଂଘ ଦ୍ୱାରା ବା ବିରୁଦ୍ଧରେ ଥିବା ଦାବୀକୁ ସମାଧାନ କରିବା ।

୨୧.୦୨.୧୮ ବୋର୍ଡର ଶୂନ୍ୟ ପଡୁଥିବା ସ୍ଥାନର ସଂଖ୍ୟା ଘୋଷଣା କରିବା ଏବଂ ଉକ୍ତ ସ୍ଥାନକୁ ପୂରଣ କରି ବଳକା ସମୟ ପାଇଁ ପ୍ରତିନିଧିତ୍ୱ ସକାଶେ ରାଜ୍ୟ ସମବାୟ ନିର୍ବାଚନ କମିଶନରଙ୍କୁ ଅନୁରୋଧ କରିବା ।

୨୧.୦୨.୧୯ ସଂଘର ମୋହର ନିର୍ଣ୍ଣୟ ଏବଂ ବ୍ୟବହାର ପାଇଁ ସାଧାରଣ ପରିଚାଳକଙ୍କୁ ବୋର୍ଡର କ୍ଷମତା ଅର୍ପଣ ।

୨୧.୦୨.୨୦ ସଂଘର ଉପବିଧି ଅନୁସାରେ, ଏହାର ବ୍ୟବସାୟ ଅବା / ଓ ଦାୟୀତ୍ୱ, ସାଧାରଣ ପରିଚାଳକଙ୍କୁ ଅର୍ପଣ କରିପାରିବା ।

୨୧.୦୨.୨୧ ଉପବିଧି ଅନୁସାରେ ବୋର୍ଡ ଦ୍ୱାରା ସାଧାରଣ ପରିଚାଳକଙ୍କୁ ଅର୍ପିତ ସମସ୍ତ ବା କୌଣସି ଏକ ବ୍ୟବସାୟ କ୍ଷମତା ଅବା/ ଓ ଦାୟୀତ୍ୱ, ତାଙ୍କ ଦ୍ୱାରା କୌଣସି ଅଫିସର ବା ଅଫିସରମାନଙ୍କୁ ଅର୍ପଣ କରିବାର କ୍ଷମତା ସମ୍ପନ୍ନ କରିବା ।

***୨୧.୦୨.୨୨ କାଟିଦିଆଯାଇଅଛି ।***

୨୧.୦୨.୨୩ ପାରସ୍ପରିକ ବୁଝାମଣା ଅନୁସାରେ ଋଣ ଏବଂ ଅନୁଦାନ ପାଇଁ ବିତ୍ତୀୟ ସଂସ୍ଥାମାନଙ୍କ ସହ ହୋଇଥିବା ରାଜିନାମାର ସର୍ତ୍ତାବଳୀ ପୂରଣ ନିଶ୍ଚିତ କରିବା ।

୨୧.୦୨.୨୪ ଉପବିଧି ଧାରା ୮.୦ ଅନୁଯାୟୀ କୌଣସି ପ୍ରାଥମିକ ସଦସ୍ୟଙ୍କୁ ବହିଷ୍କାର କରିବା ପାଇଁ ସାଧାରଣ ସଭାକୁ ସୁପାରିଶ କରିପାରିବେ ।

୨୧.୦୨.୨୫ ଅଭିଜ୍ଞ ମଣ୍ଡଳୀର ସୁପାରିଶକୁ ବିଚାର କରିବା ।

୨୧.୦୨.୨୬ ବୋର୍ଡ ଭିତରେ କିମ୍ବା ବାହାରେ କୌଣସି ସବ୍ କମିଟି ରହିବ ନାହିଁ ।

**୨୧.୦୩ ବିଶେଷଜ୍ଞ ମଣ୍ଡଳୀ**

୨୧.୦୩.୦୧ ବିଶେଷଜ୍ଞ ମଣ୍ଡଳୀରେ ଅନ୍ତର୍ଭୁକ୍ତ ହେବେ

୦୧. ସଭାପତି
୦୨. ମହାସଂଘର ଜଣେ ପ୍ରତିନିଧି
***୦୩. କାଟିଦିଆଯାଇଅଛି ।***
୦୪. ସଂଘର ସାଧାରଣ ପରିଚାଳକ, ଆବାହକ ଭାବରେ

୨୧.୦୩.୦୨ ବିଶେଷଜ୍ଞ ମଣ୍ଡଳୀର ସୁପାରିଶ ଯାହା ମଧ୍ୟରେ କର୍ମଚାରୀ ଆବଶ୍ୟକତା, ଯୋଗ୍ୟତା, ଅଭିଜ୍ଞତା, କାର୍ଯ୍ୟ ଆବଶ୍ୟକତା ଏବଂ ଦରମା ଇତ୍ୟାଦି ଅନ୍ତର୍ଭୁକ୍ତ ତାହା ବୋର୍ଡ ଅନୁମୋଦନ କରିବ ।

**୨୨.୦୦ ସାଧାରଣ ପରିଚାଳକ**

୨୨.୦୧ ସଂଘର ସାଧାରଣ ପରିଚାଳକ ମହାସଂଘ ଦ୍ୱାରା ବଛାଯିବେ ଏବଂ ସଂଘର ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ନିଯୁକ୍ତ ହେବେ ।

୨୨.୦୨ ସାଧାରଣ ପରିଚାଳକଙ୍କ ଅପସାରଣ ।

୨୨.୦୨.୦୧ ଲିପିବଦ୍ଧ ହୋଇଥିବା ପର୍ଯ୍ୟାପ୍ତ ଲିଖିତ କାରଣ ଗୁଡିକ ଯୋଗୁଁ ଯଦି ବୋର୍ଡ ସାଧାରଣ ପରିଚାଳକଙ୍କୁ ଅପସାରଣ କରିବାକୁ ଚାହାଁନ୍ତି ତା ହେଲେ ସେମାନେ ଅଭିଯୋଗ ଫର୍ଦ୍ଦଗୁଡିକୁ ମହାସଂଘକୁ ପଠାଇବେ । ମହାସଂଘ ଶୃଙ୍ଖଳା ନିୟମ ଅନୁସାରେ ଏହା ଉପରେ ଏକ ତଦନ୍ତ କରିବେ ଏବଂ ତଦନ୍ତର ସିଦ୍ଧାନ୍ତ ବୋର୍ଡକୁ ଜଣାଇବେ । ବୋର୍ଡ ମହାସଂଘର ଏହି ସିଦ୍ଧାନ୍ତ ରିପୋର୍ଟ ଆଧାରରେ ନିଷ୍ପତ୍ତି ଗ୍ରହଣ କରିବେ ଏବଂ ଅପସାରଣ ଜନିତ ଦ୍ୱିତୀୟ କାରଣ ଦର୍ଶାଅ ନୋଟିସ୍ ଜାରିକରି ସାଧାରଣ ପରିଚାଳକଙ୍କୁ ଅପସାରଣ କରିବେ କିମ୍ବା ଅନ୍ୟାନ୍ୟ ଦଣ୍ଡାଦେଶ କିମ୍ବା ଅନ୍ୟ ଯେ କୌଣସି ପ୍ରକାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

୨୨.୦୨.୦୨ ସାଧାରଣ ପରିଚାଳକ ଉପରୋକ୍ତ ଘଟଣାରେ ବୋର୍ଡ ଆଲୋଚନାରେ ଭାଗ ନେଇପାରିବେ ନାହିଁ । ବୋର୍ଡ ନିର୍ଦ୍ଦେଶକ ମଣ୍ଡଳୀର ସାଧାରଣ ବିବରଣୀ ଖାତା ପରିବର୍ତ୍ତେ ଗୋଟିଏ ସ୍ୱତନ୍ତ୍ର ବିବରଣୀ ଖାତାରେ ଏହାକୁ ଲିପିବଦ୍ଧ କରିପାରିବେ ।

୨୨.୦୨.୦୩ ସାଧାରଣ ପରିଚଳକଙ୍କ ଉପରେ ବୋର୍ଡ ଗ୍ରହଣ କରିଥିବା କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ ନିବନ୍ଧକଙ୍କ ପାଖରେ ଅପିଲ କରାଯାଇପାରିବ ।

୨୨.୦୩ ସାଧାରଣ ପରିଚାଳକଙ୍କ ନିଲମ୍ବନ ।
ଲିଖିତ ଭାବେ ଲିପିବଦ୍ଧ ହୋଇଥିବା କାରଣଗୁଡିକ ଆଧାରରେ ସାଧାରଣ ପରିଚାଳକଙ୍କୁ ନିଲମ୍ବନ କରିବାର କ୍ଷମତା ନିର୍ଦ୍ଦେଶକ ମଣ୍ଡଳୀର ରହିବ ।

୨୨.୦୩.୦୧ ଯଦି ସାଧାରଣ ପରିଚାଳକ ମହାସଂଘର କିମ୍ବା ସରକାରଙ୍କ ଅଧିନରେ ଚାକିରୀ କରୁଥାଆନ୍ତି ତାହେଲେ ନିର୍ଦ୍ଦେଶକ ମଣ୍ଡଳୀ ସାଧାରଣ ପରିଚାଳକଙ୍କ ନିଲମ୍ବନ ପାଇଁ ଯଥାକ୍ରମେ ମହାସଂଘ କିମ୍ବା ସରକାରଙ୍କୁ ସୁପାରିଶ କରିପାରିବେ । ଏଭଳି ଘଟଣାରେ ସାଧାରଣ ପରିଚାଳକଙ୍କୁ ସେଠାରୁ ପ୍ରତ୍ୟାହାର କରି ଆଣିବା ଏବଂ ସେମାନଙ୍କର ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ଯଥାକ୍ରମେ ମହାସଂଘ/ସରକାରଙ୍କର ରହିବ ।

**୨୨.୦୪ ସାଧାରଣ ପରିଚାଳକଙ୍କର ନିମ୍ନଲିଖିତ କର୍ତ୍ତବ୍ୟ ଓ କ୍ଷମତା ରହିବ;**

**୨୨.୦୪.୦୧ ସାଧାରଣ ପରିଚାଳକଙ୍କର ସଂଘର ପ୍ରଶାସନ, ପରିଚାଳନା, ଅର୍ଥ ଏବଂ ବ୍ୟବସାୟ ଉପରେ ନିୟନ୍ତ୍ରଣ ରହିବ । ସାଧାରଣ ପରିଚାଳକ ଅଧିନିୟମର ବିଧି ଅନୁସାରେ ସାଧାରଣ ସଭା, ବୋର୍ଡ ଏବଂ ସଭାପତିଙ୍କୁ ନିର୍ଦ୍ଦିଷ୍ଟଭାବେ ନ୍ୟସ୍ତ କରାଯାଇଥିବା କ୍ଷମତା ବ୍ୟତୀତ ଅନ୍ୟ ସମସ୍ତ କ୍ଷମତା ବ୍ୟବହାର କରିପାରିବେ ।**

**୨୨.୦୪.୦୨ ନିବନ୍ଧକ କିମ୍ବା ମହାସଂଘ କିମ୍ବା ଆବଶ୍ୟକ ସଂଖ୍ୟକ ସଦସ୍ୟମାନଙ୍କଠାରୁ ଅଧିଯୋଚନ ପତ୍ର ପାଇଲେ ଅଥବା ବୋର୍ଡ କିମ୍ବା ସଭାପତିଙ୍କଠାରୁ ନିର୍ଦ୍ଦେଶ ପାଇଲେ ଅଥବା ଆବଶ୍ୟକ ମନେକଲେ ସାଧାରଣ ପରିଚାଳକ ସାଧାରଣ ବୈଠକ ଡକାଇବେ ।**

୨୨.୦୪.୦୩ ସାଧାରଣ ପରିଚାଳକ ବୋର୍ଡ ଏବଂ ସାଧାରଣ ସଭାର ସମ୍ପାଦକ ହିସାବରେ କାମ କରିବେ ଏବଂ ବୋର୍ଡ ବୈଠକ ଓ ଅନ୍ୟାନ୍ୟ ବୈଠକରେ କାର୍ଯ୍ୟ ବିବରଣୀ ଖାତାରେ ଲିପିବଦ୍ଧ କରାଇବେ ।

୨୨.୦୪.୦୧.୦୧ ଯଦି ତାଙ୍କର ଆଚରଣ ସମ୍ପର୍କରେ ଆଲୋଚନା ହେବା ପାଇଁ ସ୍ଥିର ହୋଇଥାଏ ତା ହେଲେ ସେ ଏହି କାର୍ଯ୍ୟ କରିବେ ନାହିଁ ।

୨୨.୦୪.୦୪ ସେ ସଂଘର ଅନୁଶାସନ ଅଧିକାରୀ ; ସଂଘର ଯେ କୌଣସି କର୍ମଚାରୀଙ୍କୁ ନିଲମ୍ବନ କରିବା, ଚାକିରୀରୁ ପଦଚ୍ୟୁତ ସମେତ ଅନ୍ୟାନ୍ୟ ଦଣ୍ଡ ବିଧାନ କରିବା ଅଧିକାର ତାଙ୍କ ରହିବ ।

୨୨.୦୪.୦୪.୦୧ ସାଧାରଣ ପରିଚାଳକଙ୍କ ଦ୍ୱାରା ନିଆଯାଇଥିବା ଅନୁଶାସନ ସମ୍ବନ୍ଧୀୟ ନିଷ୍ପତ୍ତି ବିରୁଦ୍ଧରେ ଅଧ୍ୟକ୍ଷଙ୍କ ନିକଟରେ ଅପିଲ କରାଯାଇପାରିବ ।

୨୨.୦୪.୦୫ ସେ କର୍ମଚାରୀମାନଙ୍କର ପ୍ରଶିକ୍ଷଣ ବ୍ୟବସ୍ଥା କରିବେ ।

୨୨.୦୪.୦୬ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ସୀମାମଧ୍ୟରେ ସେ ବ୍ୟବସାୟରେ ବାକି ଦେଇପାରିବେ ।

୨୨.୦୪.୦୭ ଦ୍ରବ୍ୟ ସମୂହର ପରିବହନ, ଭଡା, ଚାଲାଣ ଏବଂ ଭଣ୍ଡାର ବ୍ୟବସ୍ଥା କରିବେ ।

୨୨.୦୪.୦୮ ଆମଦାନୀ ଓ ରପ୍ତାନୀ ବ୍ୟବସାୟର ବ୍ୟବସ୍ଥା କରିବେ ।

୨୨.୦୪.୦୯ ସରକାର ତଥା ଅନ୍ୟାନ୍ୟ ସଂସ୍ଥା ସହ ଚୁକ୍ତି ସମ୍ବନ୍ଧିତ ଆଲୋଚନା କରିପାରିବେ ।

୨୨.୦୪.୧୦ ବୋର୍ଡ ଅନୁମୋଦନ ଆଧାରରେ ରାଜସ୍ୱ ବ୍ୟୟ କରିପାରିବେ ।

୨୨.୦୪.୧୧ ସଂଘର ସମ୍ପତ୍ତିର ବୀମା କରାଇବେ ।

୨୨.୦୪.୧୨ ସଠିକ୍ ହିସାବ ପତ୍ର ରଖିବା ବ୍ୟବସ୍ଥା କରିବେ ।

୨୨.୦୪.୧୩ ପ୍ରତି ତିନିମାସରେ ଥରେ ସଂଘର ଗଚ୍ଛିତ ଦ୍ରବ୍ୟ ଏବଂ ଷ୍ଟକ୍ କୁ ଯାଂଚ୍ ଓ ପରୀକ୍ଷା ନିରୀକ୍ଷଣ କରିବେ ।

୨୨.୦୪.୧୪ ସଂଘ ପାଇଁ ଓ ତରଫରୁ ଚେକ୍ ଏବଂ ଅନ୍ୟାନ୍ୟ ବିନିମୟ ଯୋଗ୍ୟ ବିଲେଖରେ ଦସ୍ତଖତ କରିପାରିବେ, ଏଗୁଡିକର ବିନିମୟ କରିପାରିବେ, ଅନୁମୋଦନ କରିପାରିବେ । ସେ ସଂଘର ବ୍ୟାଙ୍କ୍ ଆକାଉଣ୍ଟ ପରିଚାଳନା କରିବେ ଏବଂ ସମସ୍ତ ଜମା ରସିଦରେ ଦସ୍ତଖତ କରିବେ ।

୨୨.୦୪.୧୫ ସେ ସଂଘ ତରଫରୁ ସ୍ୱୀକୃତ ଅଧିକାରୀଭାବେ ଅନ୍ୟମାନଙ୍କ ନାଁ ରେ ନାଲିସ/ମୋକଦ୍ଦମା କରିପାରିବେ ଏବଂ ଅନ୍ୟମାନେ କରୁଥିବା ନାଲିସ/ମୋକଦ୍ଦମା ତାଙ୍କ ନାମରେ ହେବ । ସଂଘ ସହିତ ହେଉଥିବା ସମସ୍ତ ବଣ୍ଡ୍ ଓ ଚୁକ୍ତିନାମା ତାଙ୍କ ନାମରେ ହେବ ।

୨୨.୦୪.୧୬ ସମସ୍ତ ଦସ୍ତାବିଜ, ବଣ୍ଡ ଇତ୍ୟାଦିକୁ ଉପଯୁକ୍ତ ହେପାଜତ୍ ଓ ତତ୍ତ୍ୱାବଧାନରେ ରଖାଇବେ ।

୨୨.୦୪.୧୭ ବୋର୍ଡ ସମ୍ମୁଖରେ ଉପସ୍ଥାପନ କରିବା ନିମିତ୍ତ ବାର୍ଷିକ ବିବରଣୀ, ଲାଭ କ୍ଷତି ହିସାବ, ବାଲାନ୍ସ ସିଟ୍ ଓ ବଜେଟ୍ ପ୍ରସ୍ତୁତ କରାଇବେ ।

୨୨.୦୪.୧୮ ବିନା ବିଳମ୍ବରେ ବୋର୍ଡ ସମ୍ମୁଖରେ ବିଚାର ପାଇଁ ସମୀକ୍ଷା ଟିପ୍ପଣୀ ଉପସ୍ଥାପିତ କରିବେ ଏବଂ ଏହାର ସଂଶୋଧନ କରିବା ତଥା ଏହାକୁ ଠିକ୍ ସମୟରେ ସମୀକ୍ଷକଙ୍କ ପାଖରେ ଦାଖଲ କରିବା ପାଇଁ ପଦକ୍ଷେପ ନେବେ ।

୨୨.୦୪.୧୯ ବୋର୍ଡ ଅନୁମୋଦନ କ୍ରମେ ସେ ତାଙ୍କର ସମସ୍ତ ଅଥବା ଯେ କୌଣସି କ୍ଷମତା, ଅଧିକାର, ସ୍ୱେଚ୍ଛାଧିକାର ଅନ୍ୟ ଜଣେ ସଂଘର କର୍ମଚାରୀଙ୍କୁ ଦାୟିତ୍ୱ ଦେଇପାରିବେ ।କିନ୍ତୁ ଚୁଡାନ୍ତ ନିୟନ୍ତ୍ରଣ କ୍ଷମତା ଏବଂ ଅଧିକାର ନିଜ ପାଖରେ ରଖିବେ ।

୨୨.୦୪.୨୦ ଉପବିଧିର ବ୍ୟବସ୍ଥା ତଥା ସାଧାରଣ ସଭାର ଦିଶାନିର୍ଦ୍ଦେଶ ସୀମା ଭିତରେ ସାଧାରଣ ପରିଚାଳକଙ୍କର ସଂଘର ବ୍ୟବସାୟ ପରିଚାଳନା ପାଇଁ ପୂର୍ଣ୍ଣ ଅଧିକାର ରହିବ ।

୨୨.୦୪.୨୧ ସାଧାରଣ ପରିଚାଳକଙ୍କ ଅନୁପସ୍ଥିତିରେ, ସଭାପତିଙ୍କ ଦ୍ୱାରା ପ୍ରାଧିକୃତ ବ୍ୟକ୍ତି ସାଧାରଣ ପରିଚାଳକଙ୍କ କାର୍ଯ୍ୟ କରିବେ । ଏହି ବ୍ୟକ୍ତି ମହାସଂଘ କିମ୍ବା ମହାସଂଘ ସହବନ୍ଧିତ ଯେ କୌଣସି ସଂଘର କର୍ମଚାରୀ ହୋଇଥିବେ ।

**୨୩.୦ ଲାଭାଂଶ ବଣ୍ଟନ, ସଂରକ୍ଷିତ ପାଣ୍ଠି ଏବଂ ସାଧାରଣ ସଂରକ୍ଷିତ ପାଣ୍ଠିରେ ଆବଣ୍ଟନ ।**

୨୩.୦୧ ନିଟ୍ ଲାଭ ନିମ୍ନୋକ୍ତ ପ୍ରକାରେ ଆବଣ୍ଟିତ ହେବ ।

୨୩.୦୧.୦୧ ଅତି କମ୍‌ରେ ୨୫% ସଂରକ୍ଷିତ ପାଣ୍ଠିକୁ ଯିବ, ଯାହା ମହାସଂଘର ଅଂଶଧନ ହିସାବରେ ପୈଠ କରାଯିବ । ପିଛିଲା ବର୍ଷମାନଙ୍କର ଏକତ୍ରିକୃତ କ୍ଷତି ଭରଣା କରିପାରି ନ ଥିଲେ ଏହି ବ୍ୟବସ୍ଥା ଲାଗୁହେବ ନାହିଁ ।

୨୩.୦୧.୦୨ ସମବାୟ ଆଇନ୍ ଏବଂ ଅନ୍ୟାନ୍ୟ ବିଧି ବ୍ୟବସ୍ଥା ଅନୁସାରେ ରାଜ୍ୟ ସମବାୟ ସଂଘର ଶିକ୍ଷା ପାଣ୍ଠିକୁ ନିଟ୍ ଲାଭର ୪% ପରିମାଣର ଅନୁଦାନ ଦିଆଯିବ ।

୨୩.୦୧.୦୩ ବିନିଯୋଗ ଅଂଶଧନ ମୂଲ୍ୟର ସର୍ବାଧିକ ବାର୍ଷିକ ୧୨% ଲାଭାଂଶ ବଣ୍ଟନ କରାଯିବ ।

୨୩.୦୧.୦୪ ସମାନ**ତ୍ତ୍** ଅଂଶଧନ ଯଦି ସାଧାରଣ ସଭାରେ ଘୋଷଣା କରିବାର ଛଅମାସ ମଧ୍ୟରେ ଅର୍ଥ ଉଠାଣ ନ କରାଯାଇଥାଏ, ତେବେ ସେହି ଅର୍ଥ ରାଶି ସଂପୃକ୍ତ ସଭ୍ୟଙ୍କର ଖର୍ଚ୍ଚରେ ମନିଅର୍ଡର ଦ୍ୱାରା ସଭ୍ୟଙ୍କୁ ପଠାଯିବ ବା ସେ ସଭ୍ୟଙ୍କର ସଂଘରେ ଥିବା ଆକାଉଣ୍ଟରେ ଜମା ରହିବ ।

୨୩.୦୧.୧୫ ଆଇନ୍ ଏବଂ ନୀୟମାବଳୀର ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଦୁଗ୍ଧ ଉତ୍ପାଦନକାରୀଙ୍କ ହିତାର୍ଥେ ଯେ କୌଣସି ପାଣ୍ଠି ସୃଷ୍ଟି କରାଯାଇପାରିବ ।

୨୩.୦୧.୦୬ ଆବଶିଷ୍ଟ ଲାଭାଂଶ ସାଧାରଣ ପାଣ୍ଠିରେ ଜମା ରଖାଯିବ, ପରବ**ର୍ତ୍ତୀ** ପର୍ଯ୍ୟାୟରେ ଆବଶ୍ୟକତା ଅନୁଯାୟୀ ସାଧାରଣ ସଭାର ନିଷ୍ପ**ତ୍ତି** ଏବଂ ନିବନ୍ଧକଙ୍କ ପୂର୍ବାନୁମତି କ୍ରମେ ଏହାକୁ ଉପଯୋଗ କରାଯାଇପାରିବ ।

୨୩.୦୨ ଲାଭାଂଶ ଆବଣ୍ଟନ ବ୍ୟବସ୍ଥାର କୌଣସି ପରିବ**ର୍ତ୍ତ**ନ କରିବାକୁ ହେଲେ ନିବନ୍ଧକଙ୍କର ପୂର୍ବାନୁମତି ନେବାକୁ ହେବ ।

୨୩.୦୩ ଏହି ଅଧିନିୟମ ଧାରା ୨୩.୦୧.୦୧ ଅନୁସାରେ ସଂରକ୍ଷିତ ପାଣ୍ଠିକୁ ଦିଆଯାଉଥିବା ଅର୍ଥ ସହିତ ସମସ୍ତ ପ୍ରବେଶିକା ଫିସ୍, ବାଜ୍ୟାପ୍ତ ଅଂଶଧନରୁ ମିଳୁଥିବା ଅର୍ଥ, କର୍ମଚାରୀଙ୍କ ବ୍ୟତୀତ ଅନ୍ୟାନ୍ୟ ବ୍ୟକ୍ତିଙ୍କ ଠାରୁ ସଂଗୃହୀତ ଜୋରିମାନା ମଧ୍ୟ ସଂରକ୍ଷିତ ପାଣ୍ଠିକୁ ଯିବ ।

୨୩.୦୪ ଦୈନନ୍ଦିନ ସାଧାରଣ ବ୍ୟବସାୟରୁ ହେଉଥିବା ଆୟ, ମାତ୍ରାଧିକ ଅର୍ଥ ବନ୍ଦୋବସ୍ତ ଓ ସଂରକ୍ଷଣ, ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଅନୁଦାନ ଇତ୍ୟାଦି ବ୍ୟତିରେକ ଅନ୍ୟାନ୍ୟ ସମସ୍ତ ଆୟ ସାଧାରଣ ସଂରକ୍ଷିତ ପାଣ୍ଠିକୁ ନିଆଯିବ ଏବଂ ବୋର୍ଡର ଅନୁମତିକ୍ରମେ ଏହାର ସଦୁପଯୋଗ କରାଯିବ ।

**୨୪.୦ ହିସାବ ଏବଂ ଖାତା ଖତିଆନ୍**

୨୪.୦୧ ସଂଘର ହିସାବ ବର୍ଷ ୧ ଏପ୍ରିଲ୍ ରୁ ୩୧ ମାର୍ଚ୍ଚ ହେବ । ନିୟମାବଳୀରେ ଉଲ୍ଲେଖ କରାଯାଇଥିବାମତେ ହିସାବ କିତାବ ସମ୍ପର୍କିତ ଖାତା ଖତିଆନ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ନଥିପତ୍ରର ଅନୁରକ୍ଷଣ କରାଯିବ

୨୪.୦୨ ସଂଘର ଯେ କୌଣସି ସଭ୍ୟ ତାଙ୍କର ବ୍ୟବସାୟିକ ଆଦାନ ପ୍ରଦାନ ସମ୍ପର୍କିତ ଯେ କୌଣସି ଖାତା ଖତିଆନ୍ ଓ ହିସାବ କାର୍ଯ୍ୟାଳୟ ସମୟ ମଧ୍ୟରେ ଯାଂଚ୍ କରିପାରିବେ ।

୨୪.୦୩ ବିଗତ ବର୍ଷର ଲାଭ ଓ କ୍ଷତି ତଥା ଆୟ ଓ ଦେୟର ହିସାବ ଫର୍ଦ୍ଦ ଏପ୍ରଲ୍ ୩୦ ତାରିଖ ପୂର୍ବରୁ ପ୍ରସ୍ତୁତ ହେବ ।

**୨୫.୦ ଅସଙ୍ଗତି**

୨୫.୦୧ ସଦସ୍ୟ ସମିତିମାନଙ୍କର ଉପବିଧିରେ କୌଣସି ବିଧିବ୍ୟବସ୍ଥାର ଅନୁପସ୍ଥିତି, ଅସଙ୍ଗତି ଅଥବା ବିରୋଧାଭାସ ଥିଲେ ସେ କ୍ଷେତ୍ରରେ ସଂଘର ଉପବିଧି ବଳବ**ତ୍ତର** ହେବ ।

୨୫.୦୨ ଯଦି ସାଧାରଣ ପରିଚାଳକ ସମେତ ଅନ୍ୟାନ୍ୟ କର୍ମଚାରୀଙ୍କ ପାଇଁ ସଂଘର ଚାକିରୀ ନିୟମାବଳୀ ଥାଏ, ସେ କ୍ଷେତ୍ରରେ ଏହି ଉପବିଧି ବଳବ**ତ୍ତର୍** ହେବ ଏବଂ ଚାକିରୀ ନିୟମାବଳୀ ସଂଶୋଧିତ ହୋଇଗଲା ବୋଲି ଧରାଯିବ ।

**୨୬.୦ ନୋଟିସ୍ ଜାରି କରିବା**

୨୬.୦୧ ଏହି ଉପବିଧିରେ ଯେଉଁ କ୍ଷେତ୍ରରେ ସଦସ୍ୟ ସମିତିମାନଙ୍କୁ ଲିଖିତ ନୋଟିସ୍ ଦିଆଯିବା କଥା କୁହାଯାଇଛି ସେ କ୍ଷେତ୍ରରେ ସଦସ୍ୟ ସମିତିର ପଞ୍ଜିକୃତ ଠିକଣାରେ ସାଧାରଣ ଡାକ ଯୋଗେ ପଠାଯାଇଥିବା ନୋଟିସ୍‌କୁ ପର୍ଯ୍ୟାପ୍ତ ବୋଲି ବିଚାର କରାଯିବ ।

**୨୭.୦ ସଂଶୋଧନ**

୨୭.୦୧ ସାଧାରଣ ସଭା ଉପସ୍ଥିତ ଦୁଇ ତୃତୀୟାଂଶ ସାଧାରଣ ସଦସ୍ୟଙ୍କ ସମର୍ଥନ ଏବଂ ନିବନ୍ଧକଙ୍କ ପୂର୍ବାନୁମୋଦନ ବିନା ଏଥିରେ ସନ୍ନିବେଶିତ କୌଣସି ଉପବିଧିର ପରିବ**ର୍ତ୍ତ**ନ କିମ୍ୱା ନାକଚ କରାଯାଇପାରିବ ନାହିଁ ବା ଏଥିରେ କୌଣସି ଉପବିଧି ସଂଯୋଗ କରାଯାଇପାରିବ ନାହିଁ । ଏଥିପାଇଁ ଡକାଯାଇଥିବା ସାଧାରଣ ସଭା ପାଇଁ ଜାରି କରାଯାଇଥିବା ନୋଟିସ୍ ରେ ପ୍ରସ୍ତାବିତ ପରିବ**ର୍ତ୍ତ**ନ, ସଂଯୋଗ ଓ ନାକଚ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ ରହିବ । ନିବନ୍ଧକଙ୍କ ଅନୁମୋଦନ ବିନା କୌଣସି ସଂଶୋଧନ କାର୍ଯ୍ୟକାରୀ ହେବ ନାହିଁ ।

୨୭.୦୨ ସୂଚନାଯୋଗ୍ୟ ଯେ, ନିବନ୍ଧକ, ଦୁଗ୍ଧ ଚାଷୀ, ପ୍ରାଥମିକ ଦୁଗ୍ଧ ଉତ୍ପାଦକ ସମିତି, ଦୁଗ୍ଧ ସଂଘ, ମହାସଂଘ, ଉପଭୋକ୍ତାଙ୍କର, ସାଧାରଣ ସ୍ୱାର୍ଥ; ଦୁଗ୍ଧର ଗୁଣମାନ ଏବଂ ଦୁଗ୍ଧ ଜାତ ଦ୍ରବ୍ୟ କାରବାରର ଦୀର୍ଘମିଆଦି ସ୍ୱାର୍ଥର ସୁରକ୍ଷା ପାଇଁ, ଗୋଟାଏ ନୀତିଗତ ନିଷ୍ପ**ତ୍ତି**ର ଅଂଶସ୍ୱରୁପ ଏହି ଉପବିଧିର ସଂଶୋଧନ କରିପାରିବେ ।

**୨୮.୦ ଅପିଲ୍**

୨୮.୦୧ ଏହି ଉପବିଧିର ଧାରା-୨୨ ଅନୁସାରେ ଜଣେ ସାଧାରଣ ପରିଚାଳକ କିମ୍ୱା କର୍ମଚାରୀଙ୍କ ବିରୁଦ୍ଧରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଅପିଲ୍ ବ୍ୟତୀତ, ବୋର୍ଡର ଯେ କୌଣସି ନିଷ୍ପ**ତ୍ତି** ବିରୁଦ୍ଧରେ ସାଧାରଣ ସଭାରେ ଅପିଲ୍ ଉପସ୍ଥାପିତ କରାଯାଇପାରିବ ।